୬ ଭୁବନେଶ୍ୱରରେ ପହଞ୍ଚିଲେ ଉଭୟ ଦଳ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୧୦ ● ୮ ଡିସେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-310 ● 8th December 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମା'ତାରିଣୀଙ୍କ ପୀଠର କାୟାକଳ୍ପ ଆରମ୍ଭ

# ୩୧୨ କୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୧୨

ନ୍ୟୁଜ୍ ବ୍ୟୁରୋ

ମା'ଙ୍କ ଡୋରି ଲାଗିଲା, ମା'ଙ୍କ ସେବା ପାଇଁ ସୁଯୋଗ ମିଳିଲା। ରବିବାର କେନ୍ଦୁଝରର ଘଟଗାଁ ମା' ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ଘଟଗାଁଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ମା' ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ସୂଚନାଯୋଗ୍ୟଯେ ସମୁଦାୟ ୩୧୩ କୋଟି ଟଙ୍କା ବ୍ୟୟବରାଦରେ ମା' ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ଏବଂ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହେବ ବୋଲି ସମୟସୀମା ଧାର୍ଯ୍ୟ



କରାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ତାଙ୍କ ଅଠରମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଥିବାରୁ ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ, ମା' ତାରିଣୀଙ୍କ ପୀଠକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ । ମା'ଙ୍କ ପୀଠର ଉନ୍ନତିକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ । ଅର୍ଥର ଅଭାବ ନାହିଁ, କାରଣ ଏହି ଉନ୍ନତିକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି ।

ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ୩୧୩ କୋଟି ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ। ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହିତ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଉ ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ା ଯାଇ ମନ୍ଦିରର ଦେହୁରୀମାନଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ । ପୂର୍ତ୍ତ ବିଭାଗ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର ମଧ୍ୟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । *(ପୃଷ୍ଠା ୭ରେ)*

# ନାଇଟ୍ କ୍ଲବ୍‌ରେ ଫାଟିଲା ଗ୍ୟାସ ହାଣ୍ଡି :୨୫ ମୃତ

ପାଣାଜୀ, ୭।୧୨

ଗୋଆରେ ଭୟଙ୍କର ଅଗ୍ନିକାଣ୍ଡ । ଏକ ନାଇଟ୍ କ୍ଲବ୍‌ରେ ଗ୍ୟାସ ହାଣ୍ଡି ଫାଟି ୨୫ ଜଣଙ୍କ ମୃତ୍ୟୁ ଘଟିଛି । ଗତ ବିଳମ୍ବିତ ରାତିରେ ଉତ୍ତର ଗୋଆର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ଚାରି ଜଣ ପର୍ଯ୍ୟଟକଙ୍କ ସମେତ ପ୍ରାୟ ୨୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଛଅ ଜଣ ଆହତ ହୋଇଛନ୍ତି । ତେବେ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଏହି ଅଗ୍ନିକାଣ୍ଡ ଏଲପିଜି ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଘଟିଛି । ସେପଟେ ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୋଆର ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଗୋଆ ପୋଲିସ ଏକ ପ୍ରେସ୍ ବିବୃତ୍ତି ଜାରି କରି କହିଛି ଯେ, ଉତ୍ତର ଗୋଆର ଆରପୋରାର ବିଚ୍ ବାଇ ରୋମିଓ ଲେନରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଚାରି ଜଣ ପର୍ଯ୍ୟଟକ, ୧୪ ଜଣ କର୍ମଚାରୀ ଏବଂ ୭ ଜଣଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହାସହ ଛଅ ଜଣ ଆହତ ମଧ୍ୟ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ଜାରି ରହିଛି । ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୋଲିସ ଏବଂ ଅଗ୍ନିଶମ ବିଭାଗ *(ପୃଷ୍ଠା ୭ରେ)*



# ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପା ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୭।୧୨

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପା ଘୋଷଣା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମଏନଆରଏଫ)ରୁ ଆହତ ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି ଶ୍ରୀ ମୋଦୀ । ଅଗ୍ନିକାଣ୍ଡରେ ୨୫ ଜଣଙ୍କ ମୃତ୍ୟୁ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ କଥା ହୋଇ ମୃତକଙ୍କ ପରିବାରକୁ ଅନୁକମ୍ପା ଘୋଷଣା କରିବା ସହ ଆହତ ବ୍ୟକ୍ତିଙ୍କୁ ସାହାଯ୍ୟ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ସାୱନ୍ତ କହିଛନ୍ତି ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୯୬୬ (+୦)

୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୮୮୫ (+୦)

୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୨୪ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୦ (+୦)

# ଲୋକସଭାରେ ବନ୍ଦେ ମାତରମ୍ ଉପରେ ବିତର୍କ କରିବେ ମୋଦୀ

ନୂଆଦିଲ୍ଲୀ, ୭।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଲୋକସଭାରେ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପରେ ବିତର୍କ କରିବେ। ଏ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ମଙ୍ଗଳବାର ରାଜ୍ୟସଭାରେ ଆଲୋଚନା କରିବେ ।

ସୋମବାର ଲୋକସଭାରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନା ଓ ବିତର୍କ କରିବା ପାଇଁ ୧୦ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ପରେ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖିବେ । ବିରୋଧୀଦଳ ପକ୍ଷରୁ ଆଲୋଚନାରେ ଭାଗ ନେବା ପାଇଁ ଉପନେତା ଗୌରବ ଗୋଗୋଇ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଚୟନ କରାଇଯାଇଛି । ନଭେମ୍ବର ୭ ତାରିଖରେ, ପ୍ରଧାନମନ୍ତ୍ରୀ ମୋଦୀ ବନ୍ଦେ ମାତରମ୍‌ର ୧୫୦ତମ ବର୍ଷ ପାଳନ କରିବା ପାଇଁ ବର୍ଷବ୍ୟାପୀ ଉତ୍ସବ *(ପୃଷ୍ଠା ୭ରେ)*

# ରାୟପୁର-ଭାଇଜାଗ୍ କରିଡର: ଓଡ଼ିଶା ସମେତ ୩ ରାଜ୍ୟରେ ଆଣିବ ବିକାଶର ଧାରା

ଭୁବନେଶ୍ୱର, ୭।୧୨

ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ନିର୍ମାଣାଧୀନ ୬-ଲେନ୍ ବିଶିଷ୍ଟ ରାୟପୁର–ବିଶାଖାପାଟଣା ଅର୍ଥନୈତିକ କରିଡର ଆଗାମୀ ଦିନରେ ଓଡ଼ିଶା ସମେତ ତିନୋଟି ରାଜ୍ୟର ଅର୍ଥନୀତିକୁ ଗତି ଦେବ। ଏହି ଗ୍ରୀନଫିଲ୍ଡ ପ୍ରକଳ୍ପ ଡିସେମ୍ବର ୨୦୨୬ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।

୧୬,୪୮୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି କରିଡର ଉଭୟ ସହର ମଧ୍ୟରେ ଯାତ୍ରା ସମୟକୁ ୧୨ ଘଣ୍ଟାରୁ ମାତ୍ର ୫ ଘଣ୍ଟାକୁ ହ୍ରାସ କରିବ। *(ପୃଷ୍ଠା ୭ରେ)*

# ରାଉରକେଲା ଏବଂ ଝାରସୁଗୁଡାରେ ୭ ଡ଼ିଗ୍ରୀ ଛୁଇଁଲା ପାରଦ

ଭୁବନେଶ୍ୱର, ୭।୧୨ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଅସହ୍ୟ ଶୀତ ଅନୁଭୂତ ହୋଇଛି । ରାଉରକେଲା ଏବଂ ଝାରସୁଗୁଡାରେ ୭ ଡ଼ିଗ୍ରୀ ଛୁଇଁଲା ପାରଦ । ରବିବାର ସର୍ବନିମ୍ନ ରାତ୍ରି ତାପମାତ୍ରା ରାଉରକେଲାରେ ୭.୨ *(ପୃଷ୍ଠା ୭ରେ)*






# ନିର୍ମାଣ ପରଠୁ ଅଚଳ ୨ କୋଟିର ଅମ୍ଳଜାନ କାରଖାନା

**ଗୁଣପୁର, ନ୍ୟୁଜ୍‌ବ୍ୟୁରୋ**

ନିର୍ମାଣ ପରଠାରୁ ଅଚଳ ରହିଛି ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଅମ୍ଳଜାନ କାରଖାନା। ଗୁରୁତର ରୋଗୀଙ୍କୁ ଅମ୍ଳଜାନ ଯୋଗାଇବା ଲକ୍ଷ୍ୟରେ ଗୁଣପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ଅମ୍ଳଜାନ କାରଖାନା ସ୍ଥାପନ କରାଯାଇଥିଲା। ଯନ୍ତ୍ରାଂଶ ସ୍ଥାପନ ସହ ପାଇପ୍ ଲାଇର ନିର୍ମାଣ ସରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରୁନି। ଆନ୍ଧ୍ର -ଓଡ଼ିଶା ସୀମାନ୍ତ ରାୟଗଡ଼ା ଜିଲ୍ଲାର ଗୁଣପୁର ଉପଖଣ୍ଡ ଡାକ୍ତରଖାନା ଉପରେ ଶହଶହ ରୋଗୀ ନିର୍ଭରଶୀଳ। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବରୁ ଏହି କାରଖାନା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ଗୁଣପୁର ବ୍ଲକର ଗୁରୁତ୍ୱକୁ ଉପଲକ୍ଷ କରି ରାଜ୍ୟ ସରକାର ୨୦୦୨ ମସିହାରେ ଏହି ଚିକିତ୍ସାଳୟଙ୍କୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପ୍ରଦାନ କରିଥିଲେ। ଏହା ଉପରେ ୫ ଗୋଟି ବ୍ଲକ ଓ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳବାସୀ ନିର୍ଭରଶୀଳ।



କୋଭିଡ୍ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅମ୍ଳଜାନ କାରଖାନା ସ୍ଥାପନ କରାଯାଇଥିଲା। ପି.ଏମ. କେର ଫଣ୍ଡ ଯୋଗେ ସ୍ଥାପିତ ହୋଇଥିବା ୪୫୦ ଏଲପିଏମ୍. କ୍ଷମତା ବିଶିଷ୍ଟ ଏହି କାରଖାନାକୁ ଆଭାସୀରେ ଶୁଭାରମ୍ଭ କରାଯାଇଥିଲା। ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସେନ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ବିଭିନ୍ନ ୱାର୍ଡରେ ଥିବା ରୋଗୀଙ୍କୁ ଅମ୍ଳଜାନ ଯୋଗାଇବା ପାଇଁ ପାଇପ ଲାଇନ ବିଛା କାମ ମଧ୍ୟ ସରି ଯାଇଛି। ହେଲେ କାରଖାନା କାର୍ଯ୍ୟକ୍ଷମ ହୋଇନଥିବାରୁ ରୋଗୀଙ୍କୁ ମାନୁଆଲ ମେସିନ ସହାୟତାରେ ଅମ୍ଳଜାନ ଯୋଗାଇ ଦିଆଯାଉଛି। ଦୀର୍ଘବର୍ଷ ଧରି ଏହି କାରଖାନା ଅଚଳ ରହିଥିବାରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାରଖାନା ଏବେ ଖତ ଖାଉଛି। ଏହି କାରଖାନା ଅଚଳ ହୋଇଥିବା ସମ୍ପର୍କରେ ଅବଗତ ଅଛନ୍ତି ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ। ନିର୍ମାଣ ହେବା ଦିନଠୁ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଆନ୍ଧ୍ରର ଏକ ଠିକା ସଂସ୍ଥା ଏହା ନିର୍ମାଣ କରିଥିଲା। ସେହି ସଂସ୍ଥା ଆଉ ଧରାଛୁଆଁ ଦେଉନି। ଏହାର ମରାମତି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି।

## ଶାଗକିଆରୀ ଗାଁକୁ ବିଦ୍ୟୁତ ସଂଯୋଗ କେବେ?

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗୋଟିଏ ଗଣମାଧ୍ୟମରେ ଖବର ପ୍ରଚାରିତ ଓ ପ୍ରସାରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆସିବା ପରେ ତୁରନ୍ତ ଏହି ଗ୍ରାମକୁ ବିଦ୍ୟୁତ ସଂଯୋଗ କରିବାକୁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଦଶଦିନ ପରେ ସୁବର୍ଣ୍ଣପୁର ଗ୍ରାମକୁ ସ୍ୱାଧୀନତା ପ୍ରାପ୍ତିର ୭୯ ବର୍ଷ ପରେ ବିଦ୍ୟୁତକରଣ କରା ଯାଇଛି। ଏ ଧରଣର ଗଞ୍ଜାମ ଜିଲ୍ଲାରେ ବହୁଗ୍ରାମ ରହିଛି ସେ ଅଞ୍ଚଳର ଲୋକେ ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ସେହିଭଳି ଗଞ୍ଜାମ ଜିଲାର ଧରାକୋଟ ବ୍ଲକ ଅନ୍ତର୍ଗତ ଶାଗକିଆରୀ ଗାଁକୁ ଏଯାଏ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏ ଗ୍ରାମକୁ ପୁଣି କେବେ ବିଦ୍ୟୁତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବେ ତାହା ହିଁ ଦେଖିବାକୁ ଶାଗ କିଆରୀ ଗାଁ ଲୋକେ ଚାତକ ଭଳି ଚାହିଁ ବସିଛନ୍ତି।

# ୩ ପୁଅ ଝିଅ ଦିବ୍ୟାଙ୍ଗ : ଚିନ୍ତାରେ ପରିବାର

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦୁରାରୋଗ ଏମିତି ଯେ ଗୋଟିଏ ପରିବାରରେ ତିନି ପୁଅ ଝିଅ ଜନ୍ମରୁ ଦିବ୍ୟାଙ୍ଗ। ତିନି ପୁଅ ଝିଅଙ୍କ ଏଭଳି ଅବସ୍ଥା ଦେଖି ଭାଙ୍ଗି ପଡିଛନ୍ତି ପରିବାର ଲୋକ। ସେପଟେ ପୁଅର ଇଚ୍ଛା ଶକ୍ତି ଆଗରେ ହାର ମାନିଛି ସବୁ ପ୍ରତିବନ୍ଧକ। ପାଠ ପଢି କିଛି କରି ଦେଖାଇବାର ସ୍ୱପ୍ନ ଦେଖିଛି ସେ। ସରକାରୀ ସହାୟତାକୁ ଅନାଇ ବସିଛି ପରିବାର। କୋରାପୁଟ କୁରକୁଟି ଗାଁର ଘଟଣା। ଟିକିଏ ଭଲକି ନଜର ପକାନ୍ତୁ ଏହି ପରିବାର ଉପରେ। ଦୁରାରୋଗ ଏମିତି ଯେ ତିନି ପୁଅ ଝିଅ ଦିବ୍ୟାଙ୍ଗ। ଅଭିଶପ୍ତ ଜୀବନ କାଟୁଛନ୍ତି ପରିବାର। ବୋରିଗୁମ୍ମା ବ୍ଲକ କୁରକୁଟି ଗାଁର ଭଗବାନ ହରିଜନ ପରିବାର କହିଲେ ଦୁଇ ପୁଅ, ଚାରି ଝିଅ ଏବଂ ସ୍ତ୍ରୀ। ଜନ୍ମରୁ ଦୁଇ ଝିଅ ଏବଂ ଗୋଟିଏ ପୁଅ ସବୁ ଠିକ୍‌ଠାକ୍ ଥିଲା କିନ୍ତୁ ବୟସ ବଢ଼ିଲା ହେଲେ ଶରୀର ବଢ଼ିଲା ନାହିଁ। ଭଗବାନ ହରିଜନ ଦିନ ମଜୁରିଆ ଭାବେ କାମ କରନ୍ତି, ଆର୍ଥିକ ସ୍ଥିତି ଭଲ ନାହିଁ। ସେଥିପାଇଁ ବଡ଼ ଝିଅ ଏବଂ ପୁଅକୁ କୋରାପୁଟ ମେଡ଼ିକାଲରେ ଚିକିତ୍ସା କରାଇଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର କଟକ କିମ୍ବା ଭୁବନେଶ୍ୱର ମେଡ଼ିକାଲରେ ଚିକିତ୍ସା ପାଇଁ ପରାମର୍ଶ ଦେଲେ, ହେଲେ ଅର୍ଥ ଅଭାବ ଯୋଗୁଁ ଘରକୁ ଫେରି ଆସିଲେ। ବର୍ତ୍ତମାନ ସାନ ଝିଅର ମଧ୍ୟ ସେହି ଲକ୍ଷଣ ଦେଖାଯାଉଛି ସାନ ଝିଅକୁ ମଧ୍ୟ ଡାକ୍ତର ଅଧିକ ଚିକିତ୍ସା ପାଇଁ ବାହାରକୁ ନେବା ପାଇଁ ପରାମର୍ଶ ଦେଇଛନ୍ତି। ତିନି ଦିବ୍ୟାଙ୍ଗ ପୁଅ ଝିଅଙ୍କ ସେବା ନିମନ୍ତେ ମାଆ କାମକୁ ଗଲେ ବାପା ଘରେ ରୁହନ୍ତି ବାପା ଗଲେ ମାଆ ଜଗିବସନ୍ତି। ସରକାରଙ୍କ ପକ୍ଷରୁ ୩୫ କିଲୋ ଚାଉଳ ମିଳୁଛି ବଡ଼ ଝିଅକୁ ଏବଂ ପୁଅକୁ ଭତ୍ତା ମିଳୁଛି କିନ୍ତୁ ସାନ ଝିଅକୁ ସରକାରୀ ସହାୟତା ମିଳୁନାହିଁ; କାରଣ ହାତ ଆଙ୍ଗୁଠି ଠିକ୍ ନାହିଁ ଫଳରେ ଆଧାର କାର୍ଡ ହୋଇପାରୁ ନାହିଁ। ଗୋଟିଏ ପଟେ ଅଭାବ ଅନାଟନ ଅନ୍ୟପକ୍ଷରେ ଦିବ୍ୟାଙ୍ଗ ହୋଇ ମଧ୍ୟ ପୁଅ କପିଳାସ ହରିଜନ ସେ ବର୍ତ୍ତମାନ ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷରେ ପାଠ ପଢୁଛି। ସମସ୍ତ ଘାତ ପ୍ରତିଘାତକୁ ଏଡାଇ କେମିତି ପାଠ ପଢି କିଛି କରି ଦେଖାଇବାର ଆଶା ରଖିଛି। ପ୍ରତ୍ୟେକ ଦିନ କପିଳାସ ହରିଜନକୁ ବାପା ହେଉ କିମ୍ବା ବଡ଼ ଭାଇ ବୋରିଗୁମ୍ମା ୧୦ କିଲୋମିଟର ଆଣି କଲେଜରେ ଛାଡ଼ନ୍ତି। ପୁଅର ଏଭଳି ଅବସ୍ଥା ଯୋଗୁଁ ବାପା ମାଆ ପାଠ ପଢିବା ପାଇଁ ମନା କରୁଥିବା ସତ୍ତ୍ୱେ କପିଳାସ କାହାରି କଥାକୁ କର୍ଣ୍ଣପାତ ନ କରି ଆଗକୁ ବଢିବାରେ ଲାଗିଛି। ବଡ଼ ଝିଅ ମଧ୍ୟ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢୁଥିଲା ହେଲେ ଦେହ ଅଧିକ ଅସୁସ୍ଥ ହେବା ଯୋଗୁଁ ପାଠ ଛାଡ଼ିବାକୁ ବାଧ୍ୟ ହେଲା। କପିଳାସ ସରକାରଙ୍କୁ ନିବେଦନ କରିଛି କଲେଜ ଯିବା ଆସିବା ପାଇଁ ବ୍ୟାଟେରୀ ଟ୍ରାଇ ସାଇକେଲ ଖଣ୍ଡିଏ ଏବଂ ପାଠ ପଢିବା ପାଇଁ ଆଉ ଟିକିଏ ସାହାଯ୍ୟ କରିବାକୁ। ଏନେଇ ଜୟପୁର ଉପ ଜିଲ୍ଲାପାଳ ଆକ୍କାବରମ ଶାଶ୍ୟ ରେଡ୍ଡିଙ୍କୁ ପଚାରିବାରୁ ପରିବାର ନିକଟରେ ପ୍ରଶାସନ ପହଞ୍ଚି ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶୃତି ଦେଇଛନ୍ତି।

## ସମସ୍ୟା ସୃଷ୍ଟି କରୁଛି ବାଲି, ମାଟି ବୋଝେଇ ଟ୍ରାକ୍ଟର, ହାଇୱା

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା-ଖଇରମାଳ ରାସ୍ତାରେ ବହୁ ସଂଖ୍ୟାରେ ବେଆଇନ ଭାବେ ମାଟି, ବାଲି, ମେଟାଲ ବୋଝେଇ ଟ୍ରାକ୍ଟର, ହାଇୱା ଚଳାଚଳ କରୁଛି। ଗାଡ଼ିଗୁଡ଼ିକ ଖୋଲା ଭାବରେ ବୋଝେଇ ହେଉଥିବାରୁ ମାଟି, ବାଲି ଉଡ଼ି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। କେତେକ ଚାଳକ ବେପରୁଆ ଭାବେ ଚଳାଉ ଥିବାରୁ ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଅନେକ ଗାଡ଼ିର କାଗଜପତ୍ର ଠିକ୍ ନଥିବା ସତ୍ତ୍ୱେ ବେଧଡ଼କ ଭାବେ ବାଲି, ମେଟାଲ ବୋଝେଇ କରି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବାରୁ ଖାଇରମାଲ ଗ୍ରାମବାସୀ ଜୟପାଟଣା ତହସିଲଦାର ଏବଂ ଥାନା ଅଧିକାରୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି କୋଟ ପାଡ଼ି, ଖାଇରମାଲ, ଚିର୍ଲା, କାଦେକ୍ଷପଦର ବାଲିଘାଟରୁ ବେଆଇନ ଭାବେ ବାଲିଚୋରା ଚାଲାଣ ହେଉ ଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଏହି ଚୋରା ଚାଲାଣ ରୋକିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ଦାବି ହେଉଛି।

# ଆରଡି ବସ୍‌ଷ୍ଟାଣ୍ଡ ଶୌଚାଳୟ ନିର୍ମାଣକୁ ଦେଢବର୍ଷ ବିତିଲା, କେବେ ଖୋଲିବ ତାଲା ?

**ଆରଡି, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଅଗଣିତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ସେମାନେ ପୀଠରେ ଯେପରି ସମସ୍ତ ପ୍ରକାର ସୁବିଧା ପାଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ ନାନା ପ୍ରକଳ୍ପ କରାଯାଇଛି। ହେଲେ ପ୍ରଶାସନର ଅଣଦେଖା ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଆଗନ୍ତୁକ ଉତ୍ତମ ସୁବିଧା ପାଇବା ତ ଦୂରର କଥା ସାମାନ୍ୟ ଶୌଚ ପାଇଁ ନାନା ହଇରାଣ ହରକତ ହେଉଛନ୍ତି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ତୀର୍ଥଯାତ୍ରୀ ବାବାମଣିଙ୍କୁ ଦର୍ଶନ ପାଇଁ ଆସୁଛନ୍ତି। ତିର୍ଥଯାତ୍ରୀ ପୀଠରେ ପହଞ୍ଚିବା ପରେ ମନ୍ଦିରଠାରୁ ୬ ଶହ ମିଟର ଦୂରରେ ଥିବା ବସ୍‌ଷ୍ଟାଣ୍ଡରେ ସମସ୍ତ ଯାନ ରଖି ଆସିଥାନ୍ତି। ହେଲେ ଆରଡି ବସ୍‌ଷ୍ଟାଣ୍ଡରେ ଆଗନ୍ତୁକ ଯାତ୍ରୀମାନଙ୍କ




ସୁବିଧା ନିମନ୍ତେ ଏକ ଶୌଚାଳୟ ରହିଥିଲେ ମଧ୍ୟ ତାଲା ଝୁଲୁଥିବାରୁ ତାହା ଆଗନ୍ତୁକ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧାରେ ଆସି ପାରୁନାହିଁ। ଦେଢବର୍ଷ ତଳେ ଜିଲ୍ଲା ଜଳ ପରିମଳ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମିଳିତ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ଏହି ଶୌଚାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ କିଏ ନେବ ତାହା ନେଇ ଉଭୟ ଜଳପରିମଳ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଉଦାସୀନତା ଯୋଗୁ ଆଜି ଯାଏଁ ଶୌଚାଳୟ ସମ୍ମୁଖରେ ତାଲା ଝୁଲୁଛି। ଏପରିକି ତାହା ସମ୍ମୁଖରେ କୁଢକୁଢ ଅଳିଆ ସାଙ୍ଗକୁ ଆବର୍ଜନା ପାଣି ଜମି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସେହିପରି ମନ୍ଦିର ପାଖରେ ୪ କୋଟି ବ୍ୟୟରେ ଏକ ନୂଆ ଗାଡ଼ି ପାର୍କିଂ ନିର୍ମାଣ ହୋଇଥିଲେ ମଧ୍ୟ ଅନୁରୂପ ଭାବରେ ଶୌଚାଳୟରେ ତାଲା ଝୁଲୁଥିବାରୁ ସେଠାରେ ମଧ୍ୟ ଆଗନ୍ତୁକ ଭକ୍ତ ଓ ପର୍ଯ୍ୟଟକ ଶୌଚ ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଜିଲ୍ଲା ଜଳପରିମଳ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ସ୍ଥାନୀୟ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଛି। ଚାବି ମଧ୍ୟ ତାଙ୍କ ପାଖରେ ରହିଛି, ଖୋଲିବା ବାବଦରେ କଥା ହେବୁ ବୋଲି ସଫେଇ ଦେଇଥିଲେ।

# ଫସଲ ଚାଷ କରି ଶତାଧିକ ଲୋକଙ୍କୁ ରୋଜଗାର ଯୋଗାଇଲେ କୋଟିପତି

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ପନିପରିବା ଚାଷ କରି ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ ବଡ଼ଟିକା ଗାଁର ଚାଷୀ ସଞ୍ଜୟ ପଧାନ। ପ୍ରାୟ ୮୦ ଏକର ଜମିରେ ବାଇଗଣ, ଟମାଟୋ, କଲରା, କାକୁଡ଼ି, ଲାଉ, କଖାରୁ, ଗେଣ୍ଡୁ ଫୁଲ ଚାଷ ସହିତ ୬ ଏକର ଜମିରେ ଉନ୍ନତମାନର ପିଜୁଳି ଲଗେଇଛନ୍ତି। ଯାହା ବର୍ଷ ସାରା ଅମଳ ଦେଉଛି। ସେ ଯେଉଁ ଚାଷ କରନ୍ତି ୫ ଏକରରୁ ଉର୍ଦ୍ଧ୍ୱ କରନ୍ତି ସେଥିପାଇଁ ତାଙ୍କୁ ଅଧିକ ଲାଭ ମିଳେ ଓ ସେ ସଫଳ ହୁଅନ୍ତି। ଧାନ ଚାଷ ଠାରୁ ପନିପରିବା ଚାଷରୁ ଅଧିକ ଲାଭ ମିଳୁଥିବାରୁ ସଞ୍ଜୟ ପରିବା ଚାଷକୁ ବେଶୀ ପ୍ରାଧାନ୍ୟ ଦେଉଥିବା କହିଛନ୍ତି। ପ୍ରତିଦିନ ତାଙ୍କ ଠାରୁ ୨ ଟ୍ରକ୍ ପନିପରିବା ବାହାରକୁ ଯାଉଛି ଏବଂ ଆଗଲପୁର ଓ ଲୋଇସିଂହା ଅଞ୍ଚଳର ୧୦୦ ଜଣ ପୁରୁଷ ମହିଳା ମିଶି କ୍ଷେତରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦାଦନ ପ୍ରବଣ ଅଞ୍ଚଳ ହୋଇଥିବାରୁ କିଛି ଲୋକଙ୍କୁ ଦାଦନ ଖଟିଯିବାରୁ ରୋକି ରୋଜଗାର ଦେଇଥିବାରୁ ସଞ୍ଜୟଙ୍କୁ ଅଞ୍ଚଳରେ ବହୁ ପ୍ରଶଂସା ମିଳୁଛି। ଆଗାମୀ ବର୍ଷ ଛତୁ ଚାଷ ଓ କୁକୁଡ଼ା ଫାର୍ମ ଆରମ୍ଭ ହେଲେ ୫୦୦ ଲୋକଙ୍କୁ ରୋଜଗାର ଦେବାକୁ ଲକ୍ଷ୍ୟ ରଖିଛି ବୋଲି ସଞ୍ଜୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏବେ ବର୍ଷ ସାରା ପନିପରିବାର ଚାହିଦା ରହୁଥିବାରୁ ଏଇ ଚାଷ କରି ଦିନକୁ ଲକ୍ଷେ ଟଙ୍କାରୁ ଅଧିକ ରୋଜଗାର କରି କୋଟିପତି ହୋଇପାରିଛି ବୋଲି ସଞ୍ଜୟ କହିଛନ୍ତି। ଏଥିରେ ତାଙ୍କ ପୁଅ ତାଙ୍କୁ ସହଯୋଗ କରିବା ସହିତ ଜଣେ ମ୍ୟାନେଜର ସବୁ ବୁଝାବୁଝି କରନ୍ତି। ବିହନ ସମ୍ପର୍କରେ ପଚରା ଯିବାରୁ ବିହନ ଉପରେ ନିର୍ଭର ନକରି ରାୟପୁରର ଏକ ନର୍ସରିରୁ ଉନ୍ନତମାନର ଚାରା ଆଣି ଲଗେଇଥାନ୍ତି ଓ ଏହା ମୋତେ ଆହୁରି ଲାଭବାନ କରାଉଛି ବୋଲି ସଞ୍ଜୟ କହିଛନ୍ତି। ଜିଲ୍ଲାର ସଫଳ ଚାଷୀ ଭାବରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧ୍ୟ ପୁରସ୍କାର ପାଇଛନ୍ତି। ଜଳସେଚନ ପାଇଁ ୪ଟି ପୋଖରୀ ଓ ୪ଟି ବୋରୱେଲ ଖୋଲିଛନ୍ତି ଓ ସମସ୍ତ ଚାଷକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରିଛନ୍ତି। ଏବେ ନୂତନ ଜ୍ଞାନକୌଶଳରେ ଚାରା ଉତ୍ପାଦନ, ଯନ୍ତ୍ର, ଜଳସେଚନ, କୀଟ ନାଶକ ସିଞ୍ଚନ ବ୍ୟବସ୍ଥା ହୋଇଥିବାରୁ ବେଶ୍ ସହଜ ହୋଇପାରୁଛି ବୋଲି କହିଛନ୍ତି। ତେଣୁ କୃଷି ବିଭାଗ କିମ୍ବା ଉଦ୍ୟାନ ବିଭାଗରୁ କିଛି ପ୍ରୋତ୍ସାହନ ମିଳିଲେ ଆହୁରି ଭଲ ହୁଅନ୍ତା ବୋଲି ସଞ୍ଜୟ କହିଛନ୍ତି।

## କୁଖ୍ୟାତ ଅପରାଧୀ ଗିରଫ

### ୩୫ ଖଣ୍ଡା, ୫ ବନ୍ଧୁକ ଓ ୩ ଗୁଳି ଜବତ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ପୋଲିସ ଜିଲ୍ଲା ଅଧିନ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରୁ ଜଣେ ଡକାୟତକୁ ଗିରଫ କରିଛି ପୋଲିସ। ତା' ନିକଟରୁ ୩୫ଟି ଖଣ୍ଡା, ବିଭିନ୍ନ ପ୍ରକାରର ୫ଟି ବନ୍ଧୁକ ଏବଂ ୩ଟି ଅଫୁଟା ଗୁଳି ଜବତ ହୋଇଛି। ରାଉରକେଲା ଠାରେ କୌଣସି ଅପରାଧିକ କାର୍ଯ୍ୟ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ତାକୁ ଶଙ୍ଖ ପୋଲ ନିକଟରୁ ଧରିଥିଲା। ଅଭିଯୁକ୍ତ ଜଣକ ହେଲା କୁଆଁରମୁଣ୍ଡା ଥାନା ଅନ୍ତର୍ଗତ ଚୁଟିଆଟୋଲା ଅଞ୍ଚଳର। ତା'ର ନାମ ସୁନିଲ ମାଝି। ସେ ଅନ୍ୟ ରାଜ୍ୟରୁ ବନ୍ଧୁକ ଆଣି ଏଠାରେ ଅପରାଧୀମାନଙ୍କୁ ବିକ୍ରି କରୁଥିଲା ବୋଲି ରାଉରକେଲା ଏସ୍‌ପି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତ ସୁନିଲ ବିରୋଧରେ ଲାଠିକଟା ଥାନାରେ ୨ଟି ମାମଲା ରହିଥିବା ବେଳେ ବ୍ରାହ୍ମଣୀତରଙ୍ଗ ଥାନାରେ ୫ଟି ଅପରାଧିକ ମାମଲା ରହିଛି। ସେହିପରି ବୀରମିତ୍ରପୁର ଥାନାରେ ୨ଟି ମାମଲା ରହିଥିବା ବେଳେ ବାରକୋଟ, ଗୁରୁଣ୍ଡିଆ, ବିଶ୍ରା, ବଣେଇ, ଚାନ୍ଦିପୋଷ ଆଦି ଥାନାରେ ଅଭିଯୁକ୍ତ ନାମରେ ଏକାଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଉରକେଲା ପୋଲିସ ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ଏହିଭଳି ଚୋରା ବନ୍ଧୁକ ଜବତ କରୁଥିବା ବେଳେ ଚାଲାଣ ହୋଇ ଆସୁଥିବା ମୁଖ୍ୟ ଜାଗାରେ ଏଯାବତ୍ ପୋଲିସ ପହଞ୍ଚି ପାରିଲାନାହିଁ। ଫଳରେ ଜିଲ୍ଲାରେ ଚୋରା ବନ୍ଧୁକ ହାଉଯାଉ ହେବା ସହ କଥା କଥାକେ ଗୁଳି ଫୁଟୁଛି।

# ପିପିଲିରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ପିପିଲି, ନ୍ୟୁଜ୍‌ବ୍ୟୁରୋ**

ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ଅନ୍ତର୍ଗତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ମେଳା ପିପିଲି ମଣ୍ଡଳ ସ୍ତରୀୟ ସ୍ଥାନୀୟ ପିପିଲି ନୋଡାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓସେପା ଯୁଗ୍ମ ନିର୍ଦ୍ଦେଶକ ହିଂମାଶୁ ଭୂଷଣ ସମର୍ଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପିପିଲି ବିଇଓ ପୀତବାସ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସିଆରସିସି ସଞ୍ଜୁକ୍ତା ମହାପାତ୍ର, ରଶ୍ମିତା ନାୟକ ଓ ଜସ୍ମିତା ମିଶ୍ର ପ୍ରମୁଖ ସ୍ୱାଗତ ସଂଗୀତ ଗାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଫାର ପ୍ରଧାନ ବୈଜ୍ଞାନିକ ଡ଼ଃ ପ୍ରୀୟବ୍ରତ ସ୍ୱାଇଁ, ପିପିଲି ମହାବିଦ୍ୟାଳୟ ଅଧ୍ୟକ୍ଷ ସଦାଶିବ ଦାଶ, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ, ଏବିଇଓ ସାହେବ ପାତ୍ର, ଡ. ଶରତ କୁମାର ଚଉଁରୀ, ହରିବନ୍ଧୁ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ପୁରୀ ଜିଲା ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ପିପିଲି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ନାୟକ, ଅନ୍ତରଙ୍ଗ ପ୍ରାକ୍ତନ ବିଇଓ ପ୍ରସନ୍ନ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜ୍ଞାନମେଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ବିଜ୍ଞାନ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

ଏଥିରେ ୧୮୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ସେଥିମଧ୍ୟରୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ୭ଟି ପ୍ରକଳ୍ପ ମନୋନୀତ ହୋଇଥିଲା। ବିଚାରକ ଭାବେ ପ୍ରତାପ କୁମାର ପ୍ରଧାନ, ଦେବେନ୍ଦ୍ର କୁମାର ସ୍ୱାଇଁ ଓ ସୁନିଲ କୁମାର ରାଉତ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ସାଂସଦ ଡ ସମ୍ବିତ ପାତ୍ର, ମୁଖ୍ୟବକ୍ତା ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଡିଇଓ ଦୀପକ କୁମାର ପାଢୀ, ଡେଲାଙ୍ଗ ବ୍ଲକ ବିଇଓ ଶତ୍ରୁଘ୍ନ ବେହେରା, ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଜୟପ୍ରକାଶ ପ୍ରଧାନ, ଲକ୍ଷ୍ମୀଧର ସାହୁ, ରବିନ୍ଦ୍ର କୁମାର ପଲେଇ, ବିକ୍ରମ କୁମାର ରଥ, ଦିଲିପ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଚିନ୍ତାମଣୀ ଓଝା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଓଡ଼ିଶାର ଦୁଗ୍ଧ ସଂଗ୍ରହ ଗୃହରୁ ଫାଇଦା ଉଠାଉଛି ଆନ୍ଧ୍ର

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ପାରଳାଖେମୁଣ୍ଡିରେ ଥିବା ଓମ୍‌ଫେଡ୍‌ର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଯେଉଁ ଲକ୍ଷ୍ୟ ନେଇ ପ୍ରତିଷ୍ଠା ହୋଇଥିଲା ତାହା ବିଫଳ ହେବାରୁ ସରକାରୀ ଅବହେଳା ଓ ଉଦାସୀନତାର ଶିକାର ହୋଇଛି। ଫଳରେ କେନ୍ଦ୍ରରେ ରହିଥିବା ବହୁ କୋଟି ଟଙ୍କାର ଯନ୍ତ୍ରପାତି ନଷ୍ଟ ହେବାରେ ଲାଗିଛି। ଦିନେ ପ୍ରକ୍ରିୟାକରଣ ପାଇଁ ଦୈନିକ ୧୦ ହଜାର ଲିଟର କ୍ଷୀର ଆସୁଥିବା ବେଳେ ଏବେ ଆସୁଛି ମାତ୍ର ୧୦୦ ଲିଟର। ଏହାଦ୍ୱାରା ଦୁଗ୍ଧ ଚାଷୀଙ୍କୁ ଯେ ପ୍ରୋତ୍ସାହନ ମିଳୁନାହିଁ ତାହା ସ୍ପଷ୍ଟ ହୋଇଯାଇଛି।

ପ୍ରକ୍ରିୟାକରଣ କେନ୍ଦ୍ରର ଠିକ୍ ପରିଚାଳନା ନ ହେବାରୁ କ୍ରମଶଃ ଏହା କ୍ଷତି ଆଡ଼କୁ ମୁହାଁଇ ଏକପ୍ରକାର ବନ୍ଦ ଅବସ୍ଥାକୁ ଆସିଯାଇଛି। ଏଠାରେ ରହିଥିବା ବହୁମୂଲ୍ୟର ଯନ୍ତ୍ରପାତି ରକ୍ଷଣାବେକ୍ଷଣ ନ ହେବାରୁ ନଷ୍ଟ ହେବାରେ ଲାଗିଛି। କେନ୍ଦ୍ର ଛାତ ଦୁର୍ବଳ ହୋଇପଡ଼ି ଲୁହାରଡ୍ ଦେଖାଯାଉଛି। ଏବେ ଆନ୍ଧ୍ରର ଦୁଇ ଘରୋଇ କମ୍ପାନୀ ବିଶାଖା ଡେଏରି ଏବଂ ହେରିଟେଜ୍ ଡେଏରିକୁ ଚାଷୀ ପ୍ରତ୍ୟହ ୧୫ ହଜାର ଲିଟର କ୍ଷୀର ଯୋଗାଉଥିବା ବେଳେ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ



ଦ୍ୱାରା ପରିଚାଳିତ ହେଉଥିବା ଓଡ଼ିଶାର ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଚାଷୀ ଆଉ କ୍ଷୀର ଆଣିବାକୁ ଆଗ୍ରହ ଦେଖାଉ ନାହାନ୍ତି। ବିଭାଗୀୟ ଅବହେଳା ଓ ଉଦାସୀନତା ଯୋଗୁ ଆମକୁ ଦୁଗ୍ଧ ଚାଷପାଇଁ କିଛି ପ୍ରୋତ୍ସାହନ ନ ମିଳିବାରୁ ଆମେ ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉନାହୁଁ, ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉଛୁ ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ ଆର. ରାଜା ରାଓ ଏବଂ ରାଘବ ସାହୁ। ସେମାନେ କହିଛନ୍ତି ଯେ, ଓଡ଼ିଶା ପ୍ରକ୍ରିୟାକରଣ କେନ୍ଦ୍ରରେ କ୍ଷୀର ଦେଲେ ତାହାର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୨୫ ଟଙ୍କା, ୩୦ ଟଙ୍କା ଓ ୩୬ ଟଙ୍କା ମିଳୁଥିଲା। ଏବେ ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ ଦେଲେ ଅଧିକ ଟଙ୍କା ମିଳୁଛି। ସେମାନେ କ୍ଷୀରର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୪୫ ଟଙ୍କା, ୫୫ ଟଙ୍କା ଓ ୬୫ ଟଙ୍କା ଦେଉଛନ୍ତି ବୋଲି ଉଭୟେ କହିଛନ୍ତି।

ଏକଦା ୧୦ ହଜାର ଲିଟର କ୍ଷୀର ଆସି ପ୍ରକ୍ରିୟାକରଣ ହେଉଥିବା ପାରଳାଖେମୁଣ୍ଡିର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଏବେ ମାତ୍ର ୧୦୦ ଲିଟର କ୍ଷୀର ପ୍ରକ୍ରିୟାକରଣକୁ ଆସୁଛି ବୋଲି କହନ୍ତି କାର୍ଯ୍ୟରତ ୨ କର୍ମଚାରୀ ମୁକୁନ୍ଦ କୁମ୍ଭ ଓ ପ୍ରଶାନ୍ତ କୁମାର। ଆନ୍ଧ୍ରର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଦ୍ୱାରା ଚାଷୀଙ୍କୁ ଲିଟର ପିଛା ଅଧିକ ଟଙ୍କା ଦିଆଯାଉଥିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ (ଭାରପ୍ରାପ୍ତ) ମୁନିନ୍ଦ୍ର ହେନେଗାଙ୍କୁ ପଚରାଯିବାରୁ ଏଦିଗରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଏଡ୍‌ସ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁକ୍ତ ତିନି କାଉନସେଲର ଅଧ୍ୟାପିକା ନମିତା ସାହୁ, ଅଧ୍ୟାପକ ଅରୁଣ କୁମାର ମୁନା, ଯୁକ୍ତ ଦୁଇ କାଉନସେଲର ପ୍ରତୀକ୍ଷା ଡନସନା, ହେମନ୍ତ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଯୁକ୍ତ ଦୁଇ କାଉନସେଲର ପ୍ରତୀକ୍ଷା ଡନସନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଡା. ଅମିତ ଦାଶ ଯୋଗଦେଇ ଏଡ୍‌ସ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ ସୁନିଲ କୁମାର ଦାଶ ଯୋଗଦାନ କରିଥିଲେ। ଅଧ୍ୟକ୍ଷଙ୍କ ଅଭିଭାଷଣରେ




ବେଳ ଥାଉ ଥାଉ ସାବଧାନ ରହିବା ପାଇଁ ୟୁଥ୍ ରେଡକ୍ରସ ସ୍ୱେଚ୍ଛାସେବୀ ସେବିକା ମାନଙ୍କୁ ସଚେତନ କରାଇଥିଲେ। କାଉନସେଲର ତଥା ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ ଦେଇ ସହୀଦ ଛକ ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ପ୍ରାଧ୍ୟାପକ ପ୍ରଦୀପ କୁମାର ପଧାନ, ସୁଶାନ୍ତ କୁମାର ନାୟକ, ଅଧ୍ୟାପିକା ବୀଣାପାଣି ତାଣ୍ଡି, ସୋନାଲିକା ସାହୁ, ପ୍ରଭାସିନୀ ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ପରିଶେଷରେ ଅଧ୍ୟାପିକା ନମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସଭା ସାଙ୍ଗ କରାଯାଇଥିଲା।

# 'ସାମାଜିକ ସେବା ପ୍ରତି ଛାତ୍ରଛାତ୍ରୀମାନେ ସମର୍ପିତ ମନୋଭାବ ପ୍ରଦର୍ଶନ କରନ୍ତୁ"

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**



ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ ଯୁବ ରେଡକ୍ରସ ସୋସାଇଟି ଦ୍ୱାରା ଆୟୋଜିତ ଇଣ୍ଡିଆନ୍ ରେଡକ୍ରସ ସୋସାଇଟିର ତ୍ରିଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ୩୩ଟି ମହାବିଦ୍ୟାଳୟ, ବିଦ୍ୟାଳୟର ୧୨୫ ଜଣ ସ୍ୱେଚ୍ଛାସେବୀ, ୫୧ ଜଣ କାଉନସିଲର ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ରେଡକ୍ରସ କାଉନସିଲର ରଶ୍ମିରଞ୍ଜନ ରାଉତ, ଜିଲ୍ଲା ରେଡ଼କ୍ରସ ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ, ଜିଲ୍ଲା ଆବାହକ ଅଜିତ କୁମାର ସାହୁ, ମନୋଜ କୁମାର ଦଳେଇ, କାଉନସିଲର ରଞ୍ଜିତ କୁମାର ପ୍ରଧାନ ତଥା କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ଶ୍ରୀ ରାଉତ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମରେ ୮ଟି ଟେକ୍ନିକାଲ ସେସନ୍ ଓ ୭ଟି ପ୍ରତିଯୋଗିତା ଯଥା ରଚନା, ବକ୍ତୃତା, ସାଧାରଣ ଜ୍ଞାନ, ସଂଗୀତ, ନୃତ୍ୟ, ମୋବାଇଲରେ ଓଡ଼ିଆ ଟାଇପ ଶିକ୍ଷା, ସାମାଜିକ ସଚେତନତା ଧର୍ମୀ ସାଂସ୍କୃତିକ ପ୍ରତିଯୋଗିତା କରାଯାଇ ଥିଲା। ଅଧ୍ୟକ୍ଷ ଡ ଜେନା, ସଂଯୋଜକ ଶ୍ରୀ ଦ୍ୱିବେଦୀ, କାଉନସିଲର ଶ୍ରୀ ପ୍ରଧାନ, ଆବାହକ ଶ୍ରୀ ସାହୁ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସାମାଜିକ ସେବା ପ୍ରତି ଛାତ୍ରଛାତ୍ରୀଙ୍କ ସମର୍ପିତ ମନୋଭାବକୁ ପ୍ରଦର୍ଶିତ କରିଥାନ୍ତି ବୋଲି ମତ ରଖିଥିଲେ। ବନ୍ୟା, ବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ଦୁର୍ଘଟଣା ଭଳି ଜରୁରୀକାଳୀନ ବିପଦ ସମୟରେ ଏହି ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଶିବିରରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା କଲେଜ, ଦର୍ଲିପାଲୀର ଡିଏନଏଚଏସ, ରାଜଗାଙ୍ଗପୁରର ଡାଲମିଆ କଲେଜ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ବିରମିତ୍ରପୁର ଶ୍ରମଶକ୍ତି କଲେଜ, ଯୋଗିମାଲର ଜେବିଏନଏମପପି, ସୁନ୍ଦରଗଡ଼ ସରକାରୀ ମହିଳା ବିଦ୍ୟାଳୟ, ବଡ଼ଗାଁ ଆଇଟିଆଇ, ସର୍ଗିପାଲୀ ଏସଆରଡି-ଏମଏନ୍ ପଞ୍ଚାୟତ ହାଇସ୍କୁଲ, ସିହିଡ଼ିହା ଯଦୁପତି ଡିଗ୍ରୀ କଲେଜ, ହମିରପୁର କଲ୍ୟାଣୀ ରାୟ ହାଇସ୍କୁଲ, ଜଳଦା ପ୍ରିୟଦର୍ଶିନୀ ମହିଳା ମହା-ବିଦ୍ୟାଳୟ, ୟୁଜିଏମ ହାଇସ୍କୁଲ, ରାଉରକେଲା ଏସଜି ମହିଳା ମହା-ବିଦ୍ୟାଳୟ, କନିକା ସରକାରୀ ହାଇସ୍କୁଲ, କନକତୋରା ସରକାରୀ ହାଇସ୍କୁଲ, କାଦୋବାହାଲ ସରକାରୀ ହାଇସ୍କୁଲ, ଇସ୍ପାତ ବିଦ୍ୟାମନ୍ଦିର, ଡାମିଟ୍ଟ, ଦୁଦୁଲର ଭେସେଜ ପଟେଲ, କିଞ୍ଜିରମାର ଆଇଏମପିଏସ, ଏକମାର ସରକାରୀ ହାଇସ୍କୁଲ, ଗାନ୍ଧୀ ମହାବିଦ୍ୟାଳୟ, ସୁନ୍ଦରଗଡ ଭିବିଏମଏସ ହାଇସ୍କୁଲ, ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ମାଣିକେଶ୍ୱରୀ ହାଇସ୍କୁଲ, ହେମଗିର ଲୁହାବାହାଲର ସରକାରୀ ହାଇସ୍କୁଲ, ଯଶୋଦା ବିଷ୍ଣୁ ହାଇସ୍କୁଲ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହା ବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛାସେବୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଭାରତୀ ବରୁଆ, ବନ୍ଦନା ସୋରେନ, ରଶ୍ମିପ୍ରଭା ମଥାନ, କରୁଣାକର ପାଟ୍ଟଶାଣୀ, ତାରିଣୀ ନାୟକ, ରଚନା ମିଶ୍ର, ଅଙ୍କିତା ପାଇକରାୟ, ଜୀବନ ମହାନ୍ତି, ସନ୍ଧ୍ୟାରାଣୀ ସାହୁ, ଭିକି ନାଗ, ସୁପ୍ରିୟା ସାବତ, ପ୍ରିତିସ୍ମିତା ପଲେଇ, ପ୍ରଶାନ୍ତ ପ୍ରଧାନ, ବୀରବର ସୁବୁଦ୍ଧି, ସେବକ ସେନାପତି, ପ୍ରଶାନ୍ତ କୁମାର କର ପ୍ରମୁଖ ସହଯୋଗ କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଡିସେମ୍ବର ୨୦୨୫ ସୋମବାର





# ଭଦ୍ରକର ଲୋକ ସଂସ୍କୃତି ଉତ୍କଳର ବିଭବ ବହନ କରେ : ପିନାକ ମିଶ୍ର



ଭଦ୍ରକ, ନ୍ୟୁଜ୍ ବ୍ୟୁରୋ: ଭଦ୍ରକର ସଂସ୍କୃତି କହିଲେ ଓଡ଼ିଶାର ସଂସ୍କୃତିକୁ ବୁଝାଏ, ଶ୍ରୀଜଗନ୍ନାଥ ସଂସ୍କୃତି କହିଲେ ଆମେ ବିଶ୍ୱ ସଂସ୍କୃତିକୁ ବୁଝୁ । ଭଦ୍ରକର ଐତିହ୍ୟ, ସଂସ୍କୃତି, ପରମ୍ପରା ଓଡ଼ିଶାର କିମ୍ବଦନ୍ତୀ ବହନ କରେ ବୋଲି ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାଂଚଳ ଡି ଆଇ ଜି ପିନାକ ମିଶ୍ର କହିଛନ୍ତି । 'ଲୋକକବି ଜଗନ୍ନାଥ ପାଣି ମଞ୍ଚ ଆମ ସଭ୍ୟତା ଆମ ସଂସ୍କୃତି 'ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା କୁଳପତି ପ୍ରଫେସର ଡକ୍ଟର ହରିହର କାନୁନଗୋ କହିଥିଲେ ଆମ ସଭ୍ୟତା ଆମ ସଂସ୍କୃତି କହିଲେ ଆମେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝିଥାଉଁ । ଉତ୍କଳର ସଂସ୍କୃତିକୁ ଯୁଗ ଯୁଗ ଧରି ବିଶ୍ୱ ଅନୁକରଣ କରିଆସିଛି । ବରେଣ୍ୟଅତିଥି ଭାବେ ସମାଜସେବୀ ସଂଯୁକ୍ତା ମହଲା, ଓଡ଼ିଆ ଭାଷା ସାହିତ୍ୟ ଗବେଷକ ଡକ୍ଟର ପ୍ରଭାତନଳିନୀ ମହାପାତ୍ର, ସୁରରାଣୀ ସୋହିନୀ ମିଶ୍ର ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଉପରେ ସାରଗର୍ଭକ ବକ୍ତବ୍ୟ ରଖିବା ସହିତ ଭଦ୍ରକର ଐତିହ୍ୟ ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଭଦ୍ରକ ଜିଲ୍ଲା ମହୋତ୍ସବର କର୍ମକର୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସୁରରାଣୀ ସୋହିନୀ ମିଶ୍ର , କଣ୍ଠଶିଳ୍ପୀ ମିଟୁ ମାନସ, ସମାଜସେବୀ ସୁଭଦ୍ରା ମିଶ୍ର, ସଙ୍ଗୀତ ଛାତ୍ରୀ ସୀତାରାଣୀ ବେହେରାଙ୍କୁ ଭଦ୍ରକ ଜିଲ୍ଲା ମହୋତ୍ସବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ଅତିଥି ମାନଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା । ସଭାରମ୍ଭରେ ସୁଶ୍ରୀ ସୁକନ୍ୟା ମହାନ୍ତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଶିଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସନ୍ଧ୍ୟାରେ ସୁରରାଣୀ ସୋହିନୀ ମିଶ୍ରଙ୍କ ଯାଦୁକରୀ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଏମ୍ ଏମ୍ ଡେନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତାକର୍ଷକ ଥିଲା । ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇ ମନଭରି ଉପଭୋଗ କରିଥିଲେ । କମିଟିର ଉପ ସଭାପତି ପ୍ରମୋଦ ରାୟ,ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଲୀ ନାୟକ, ସୁମିତ୍ରା ପାଣି , ଗୋସ୍ୱାମୀ ଅରୂପ ଦାସ, ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା,ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ , ମଂଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ



ବାରିପଦା,ନ୍ୟୁଜ୍ ବ୍ୟୁରୋ: ମୁର୍ଗାବାଡି ସ୍ଥିତ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ ସାଧନାର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ 'ସମ୍ଭବ' ପାଳିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଦିବ୍ୟାଙ୍ଗ ବ୍ୟକ୍ତି । ଛାତ୍ରଛାତ୍ରୀଙ୍କ ମିଳୁଥିବା ସରକାରୀ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଶିକ୍ଷକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ସାମାଜିକ ପ୍ରଗତିରେ ଦିବ୍ୟାଙ୍ଗ ସମବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ୧୧୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କର ଅଭିଭାବକ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଆଲି ଚାମୁଚ ପ୍ରତିଯୋଗିତାରେ ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ସଞ୍ଜୟ ପାତ୍ର ୧ମ, ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଓମ ବେହେରା ୨ୟ, ବିର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶିବୁ ସିଂହ ୩ୟ, ମ୍ୟୁଜିକ ଚେୟାରରେ ରାଗଧା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁଭଦ୍ରା ମହାନ୍ତ ୧ମ, ବନସ୍ଥଳୀ ବିଦ୍ୟାପୀଠର ଯଶୋଦା ମହାକୁଡ଼ ୨ୟ, ଚେତନା ସେବାଶ୍ରମର ଲକ୍ଷ୍ମୀପ୍ରିୟା ସିଂ ୩ୟ, ବଲ ପାସିଙ୍ଗରେ ତଳସାହି ପ୍ରାଥମିକ ବିଦ୍ୟାଳୟର ମେଘରାଇ ହେମ୍ବ୍ରମ ୧ମ, କେନ୍ଦ୍ରୀୟ ବିଦ୍ୟାଳୟର ଯାଶ ବିଶ୍ୱାଳ ୨ୟ, ବିର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପବିତ୍ର କୁମାର ମୁର୍ମୁ ୩ୟ, ବଲିଂ ଥ୍ରୋ ରେ ତଳସାହି ପ୍ରାଥମିକ ବିଦ୍ୟାଳୟର ମେଘରାଇ ହେମ୍ବ୍ରମ ୧ମ, ଶରତ ଚନ୍ଦ୍ର ବିଦ୍ୟାପୀଠର ଶିବ ପ୍ରସାଦ ସିଂ ୨ୟ, ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭମ ବେହେରା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଓ ପୁରୁଣାହାଟସାହି ପ୍ରାଥମିକ ବିଦ୍ୟାଳୟର ପରିତୋଷ ପ୍ରଧାନଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିବା ବେଳେ ଅଧିକ ଭିନ୍ନକ୍ଷମତା ଯୋଗୁଁ ସ୍କୁଲକୁ ଆସିପାରୁନଥିବା ଭଞ୍ଜଭୂମି ଉଚ୍ଚ ବିଦ୍ୟାଳୟର ଅଭିଜିତ ମଲ୍ଲିକ ଓ ଅଙ୍କିତା ପଲେଇଙ୍କୁ ଗୃହଭିତ୍ତିକ ଶିକ୍ଷା ନିମନ୍ତେ ଟାବଲେଟ ପ୍ରଦାନ କରାଯାଇଥିଲା । ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ । ଗୋଷ୍ଠୀ ସାଧନ କର୍ମୀ ଦିଲ୍ଲୀପ କୁମାର ଦାସ ଓ ରେଖାରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ଓ ଉକ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସାଧନାର ସମସ୍ତ କର୍ମୀ, ସମସ୍ତ ସି ଆର ସି ସି ତଥା ଡାଏଟ, ବାରିପଦା ଓ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ



ରାଉରକେଲା, ନ୍ୟୁଜ୍ ବ୍ୟୁରୋ: ୬ତାରିଖ ରେ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ୬୩ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପୋଲିସ ରିଜର୍ଭ ପଡ଼ିଆରେ ପାଳିତ ହୋଇଯାଇଛି । ଶନିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଉପ ନିରୀକ୍ଷକ (ଡିଆଇଜି) ପଶ୍ଚିମାଞ୍ଚଳ ଶ୍ରୀ ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅବସରରେ ଅନୁଷ୍ଠିତ ପରେଡ ?ର ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେକହିଥିଲେ ଯେ ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଦଙ୍ଗା ମୁକାବିଲା ପାଇଁ ୧୯୪୬ ମସିହାରେ ଆମ ଦେଶର ମୁମ୍ବାଇରେ ପ୍ରଥମ ଥର ପାଇଁ ଗୃହରକ୍ଷୀ ବାହିନୀର ଗଠନ କରାଯାଇଥିଲା । ଗୃହରକ୍ଷୀ ବାହିନୀର ଗଠନ ହେବା ଦିନ ଠାରୁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ମନୋଭାବ ସହ ପୋଲିସର କାନ୍ଧରେ କାନ୍ଧ ମିଶାଇ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି । ସେହିପରି ବେସାମରିକ ପ୍ରତିରକ୍ଷା ବାହିନୀ ୧୯୬୮ ରେ ଏକ ଇମର୍ଜ ମାଧ୍ୟମରେ ଗଠନ କରାଯାଇଥିଲା ଏହାର ମୂଳ ଉଦ୍ଦେଶ୍ୟ ଜୀବନ ରକ୍ଷା କରିବା, ସମ୍ପତ୍ତି ର କ୍ଷୟ କ୍ଷତି କୁ କମ୍ କରିବା, ଜନ ସାଧାରଣ ମନୋବଳ ଏବଂ ଅତ୍ୟାବଶ୍ୟକ ସେବାକୁ ବଜାୟ ରଖିବା ସହ ଅଭ୍ୟନ୍ତରୀଣ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରିବା ଆଇନ ଶୃଙ୍ଖଳା ବଜାୟ ରଖିବାରେ ତଥା ପ୍ରାକୃତିକ ଦୁର୍ବିପାକ ସମୟରେ ଗୃହରକ୍ଷୀ ଏବଂ ବେସାମରିକ ବାହିନୀର ଭୂମିକା ପୋଲିସଠାରୁ କୌଣସି ପକ୍ଷେ କମ୍ ? ନୁହେଁ ବୋଲି କହିଛନ୍ତି । ଏହାସହିତ ଡିଆଇଜି ଶ୍ରୀ ରାୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ମଧ୍ୟ ପାଠ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିୟନ୍ତ୍ରକ ବେସାମରିକ ବାହିନୀ ସୁଶ୍ରୀ ଦୀନା ଦସ୍ତଗୀର , ରାଉରକେଲା ଏସ୍ ?ପି ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ଶ୍ରୀ ନିତେଶ ଓ୍ୱାଧଓ୍ୱାନି ,ଅତିରିକ୍ତ ଏସପି ରାଜକିଶୋର ମିଶ୍ର ସମେତ ସମସ୍ତ ଥାନା ଅଧିକାରୀ, ଗୃହରକ୍ଷୀ ବାହିନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଚଳିତ ବର୍ଷ ଜିଲ୍ଲାରେ ଅତି ଉତ୍କର୍ଷ ଓ ଉତ୍ତମ ସେବା ପୁରସ୍କାର ପାଇଁ ଶ୍ରେଷ୍ଠ ବିବେଚିତ ବେସାମରିକ ପ୍ରତିରକ୍ଷା ବାହିନୀ ର ଭୋଲେଣ୍ଟିୟର ଓ ଗୃହରକ୍ଷୀ ଙ୍କୁ ମଧ୍ୟ ଆଜିର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ରାଷ୍ଟ୍ରପତି ପଦକ ପୁରସ୍କାର ପ୍ରାପ୍ତ ଝାଗୁ ବରୁଆ (ଉ.ଉ ଙ୍କକ୍ଷଙ୍କଭଶ୍ୱରରକ୍ସ)ଉଏ ଉଓ୍ଫଉ ପୁରସ୍କାର ପ୍ରାପ୍ତ ଶୁକଦେବ କୁମ୍ଭାର, ଏବଂ ଶରତ ଖଡ଼ିଆ ପୁରସ୍କୃତ କରିଥିଲେ ।

# ଧର୍ମଶାଳା ପ୍ରେସ୍ କ୍ଲବ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ




ଧର୍ମଶାଳା, ନ୍ୟୁଜ ବ୍ୟୁରୋ ଧର୍ମଶାଳା ପ୍ରେସକ୍ଲବର ନୂତନକର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଜାରକାସ୍ଥିତ ପ୍ରେସକ୍ଲବ ପରିସରରେ ଅନୁଷ୍ଠିତହୋଇଯାଇଛି । ବିଦାୟୀ ସଭାପତି ରମାକାନ୍ତଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅବିନେଶ୍ୱରଶତପଥୀ ବିବରଣୀପାଠ କରିଥିଲେ । ନୂତନସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ,କାର୍ଯ୍ୟକାରୀ ସଭାପତି ଅଖିଳକୁମାର ସ୍ୱାଇଁ, ଉପସଭାପ୍ରତି ମାନସରଞ୍ଜନ ଜେନା, ସହସମ୍ପାଦକ ପ୍ରଶାନ୍ତକୁମାର ଗନ୍ତାୟତ,ଆଇନପରାମର୍ଶ ଦାତା ଖିରୋଦଚନ୍ଦ୍ର ମୁଦୁଲି,କୋଷାଧ୍ୟକ୍ଷ ବିବେକାନନ୍ଦ ରାୟ, ଉପଦେଷ୍ଟା ମଣ୍ଡଳୀର ରମାକାନ୍ତଜେନା, ବାଟକୃଷ୍ଣପରିଡା, ଇନ୍ଦ୍ରମଣିନାୟକ,ଗୁଲାମ ଗସଙ୍କୁ ଉତ୍ତରୀୟ ଓ ପୁଲତୋଡ଼ାଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ସଭାପତି ନୂତନକର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ପ୍ରେସକ୍ଲବର ସଦାସ୍ୟ କପିକେନ୍ଦ୍ର ରାଉତ, ବିକ୍ରମ ମହାନ୍ତି,ଅନିଲକୁମାର ନାୟକ, ଗିରିଧାରୀବେହେରା, ସୁବ୍ରତକୁମାର ଜେନା, କିଶୋରକୁମାର ରାଉତ, ବିନୋଦକୁମାର ସାହୁ ପ୍ରମୁଖଉପସ୍ଥିତ ଥିଲେ ।

# ରାଜ୍ୟରେ ନକଲି ଓ ନିମ୍ନମାନର ଔଷଧ କାରବାର ନେଇ ଅସନ୍ତୋଷ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ: ରାଜ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ନକଲି ଓ ନିମ୍ନମାନର ଔଷଧ କାରବାର ପାଇଁ ଖୋଦ୍ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦାୟୀ ବୋଲି ଅଭିଯୋଗ କରିଛି ଓଡ଼ିଶା ରାଜ୍ୟ ଫାର୍ମାସିଷ୍ଟ୍ ସଂଘ । ବିଧାନସଭାର ଶୀତକାଳୀନ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲିଖିତ ଉତର ପ୍ରକାରେ ରାଜ୍ୟରେ ୨୦୨୧ ମସିହାରେ ୭୯ଟି, ୨୦୨୨ରେ ୬୪ଟି, ୨୦୨୩ରେ ୨୪ଟି ଏବଂ ୨୦୨୪ରେ ୧୧ଟି ଏହିଭଳି ମୋଟ ୧୬୮ ଟି ଔଷଧ ନକଲି ଚିହ୍ନଟ ହୋଇଥିବା ବେଳେ ୩୮୮ଟି ନିମ୍ନମାନର ଔଷଧ ବିକ୍ରିକୁ ବନ୍ଦ କରାଯାଇଥିବା ଦର୍ଶାଯାଇଛି । ତେବେ ସେଥି ମଧ୍ୟରୁ ରାଜ୍ୟ ସରକାରଙ୍କ ନିରାମୟ ଯୋଜନା ଓ ଓଏମ୍‌ସିଏଲ୍ ବା ଓଡ଼ିଶା ଔଷଧ ନିଗମରୁ କେତେ ପ୍ରକାର ଔଷଧ ଜବତ ହୋଇଛି ତାହାର ତଥ୍ୟ ସରକାର ଦେଇ ନଥିବା ଅଭିଯୋଗ କରିଛି ସଂଘ । ଏନେଇ ରାଜ୍ୟ ଭେଷଜ ନିୟନ୍ତ୍ରକ ବିଭାଗ ଯେଉଁ ତଥ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଯୋଗାଇ ଥିବେ ମନ୍ତ୍ରୀ ତାହାକୁ ବିଧାନସଭାରେ ଉପସ୍ଥାପିତ କରିଥିବେ ବୋଲି ସଂଘ ପକ୍ଷରୁ ଅନୁମାନ କରାଯାଇଛି । ଭେଷଜ ନିୟନ୍ତ୍ରକ ବିଭାଗର ଦାୟିତ୍ୱ ଔଷଧ ଦୋକାନଗୁଡ଼ିକୁ ନିୟନ୍ତ୍ରଣରେ ରଖିବା । ତାହା ନକରି କେବଳ ରାଜ୍ୟରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ ଖୋଲିବାରେ ବିଭାଗ ବ୍ୟସ୍ତ ରହିଥିବା ସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଅଭିଯୋଗ କରିଛନ୍ତି । ସମସ୍ତ ଶ୍ରେଣୀଭୁକ୍ତ ଔଷଧ ଡ଼ାକ୍ତରଙ୍କ ଚିଠାରେ ବଂଟନ୍ ନେଇ ଆଇନ ଥିବା ବେଳେ ପଂଚାୟତ ସ୍ତରରେ ଜଣେ ମଧ ଡ଼ାକ୍ତର ନଥାଇ ସୁଦ୍ଧା ୧୦ରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯିବା ପଛର ରହସ୍ୟ କଣ ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି । ରାଜ୍ୟରେ ଚାଲିଥିବା ଗଂଟି କଟା ପ୍ରତିଯୋଗିତା ଯୋଗୁଁ ଔଷଧ ଦୋକାନୀ ଶସ୍ତାରେ ଔଷଧ କିଣି ରୋଗୀଙ୍କୁ ୨୦ ରୁ ୨୫ ପ୍ରତିଶତ ରିହାତି ମୂଲ୍ୟରେ ଔଷଧ ବିକ୍ରି କରିବାକୁ ବାଧ ହେଉଛନ୍ତି । ଯାହା ରାଜ୍ୟରେ ନକଲି ଓ ନିମ୍ନମାନର ଔଷଧ କାରବାରକୁ ପରୋକ୍ଷରେ ସୁହାଇଛି । ଏଣୁ ରାଜ୍ୟ ସରକାର ଏବଂ ଭେଷଜ ନିୟନ୍ତ୍ରକ ବିଭାଗ ଯେଉଁ ଔଷଧ ଦୋକାନୀ ରିହାତି ବୋର୍ଡ଼ ଲଗାଇ ଜନସାଧାରଣଙ୍କୁ ନିମ୍ନମାନର ଔଷଧ ବିକ୍ରି କରୁଛନ୍ତି ସେମାନଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କଲେ ଜନସାଧାରଣ ଏହା କବଳରୁ ରକ୍ଷା ପାଇପାରିବେ ବୋଲି ଓସେପାର ରାଜ୍ୟ ସାଧାରଣ ସମ୍ପାଦକ କହିଛନ୍ତି । ସେହିଭଳି ଔଷଧ ଦୋକାନ ଖୋଲିବା ଔଷଧ ସଂରକ୍ଷଣ ଓ ବିତରଣ କରିବା ପ୍ରତ୍ୟେକ ଔଷଧ ଦୋକାନରେ ଜଣେ ପଞ୍ଜିକୃତ ଫାର୍ମାସିଷ୍ଟଙ୍କ ଉପସ୍ଥିତି ବାଧ୍ୟତାମୂଳକ । ଯାହା ଅଧିକାଂଶ ଦୋକାନରେ ପରିଲକ୍ଷିତ ହେଉନାହିଁ । ସବୁଠାରୁ ବଡ଼କଥା ହେଲା ଏ ସମ୍ପର୍କରେ ଡ୍ରଗ୍ସ କଂଟ୍ରୋଲର ଏବଂ ଡ୍ରଗ୍ସ ଇନିକ୍ସପେକ୍ଟରମାନେ ଜାଣି ସୁଦ୍ଧା ନଜାଣିବା ଭଳି ଚୁପ୍ ରହୁଥିବା ଅଭିଯୋଗ ହୋଇଛି । ପଞ୍ଜିକୃତ ଫାର୍ମାସିଷ୍ଟଙ୍କୁ ଓଡ଼ିଶା ଫାର୍ମାସୀ କାଉନ୍‌ସିଲ୍ ପଞ୍ଜିକରଣ କରିବା ସହ ପ୍ରତି ଦୁଇ ବା ତିନିବର୍ଷ ବ୍ୟବଧାନରେ ଓଡ଼ିଶା ଫାର୍ମାସୀ କାଉନ୍‌ସିଲ୍ ପୁନଃ ପ୍ରଶିକ୍ଷଣ ଦେଇଥିଲେ ତାହା ନୂତନ ପରିବର୍ତିତ ମାନ ଦଣ୍ଡରେ ସେମାନଙ୍କ ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହୋଇଥାନ୍ତା । କିନ୍ତୁ ୧୯୯୪ ମସିହାରୁ ଓଡ଼ିଶା ଫାର୍ମାସୀ କାଉନ୍‌ସିଲ୍‌ର ପୁନର୍ଗଠନ ହୋଇନାହିଁ । ଯଦ୍ୱାରା ଦୀର୍ଘ ୩୧ ବର୍ଷ ଧରି ଓଡିଶା ଫାର୍ମାସୀ କାଉନ୍‌ସିଲ୍ ପଙ୍ଗୁ ହୋଇପଡ଼ି ରହିଛି । ନିକଟରେ ରାଜ୍ୟ ସରକାର ଜଣେ ଭେଷଜ ନିରୀକ୍ଷକଙ୍କୁ ଭାରପ୍ରାପ୍ତ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେଇ କାମ ଚଳାଉଛନ୍ତି । ଓଡ଼ିଶା ଫାର୍ମାସୀ କାଉନ୍‌ସିଲ୍ ପୁନର୍ଗଠନ ହେଲେ ସମଗ୍ର ରାଜ୍ୟରେ ୬୦ ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଫାର୍ମାସିଷ୍ଟ ପୁନଃ ପ୍ରଶିକ୍ଷିତ ହୋଇ ଗୁଣାତ୍ମକ ସେବା ପ୍ରଦାନ କରି ଜନସାଧାରଣଙ୍କୁ ନକଲି ଓ ବିଷାକ୍ତ ଔଷଧର ପ୍ରାଦୁର୍ଭାବରୁ ରକ୍ଷା କରିପାରିବେ । ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ଓଡ଼ିଶା ଫାର୍ମାସୀ କାଉନ୍‌ସିଲକୁ ପୁନର୍ଗଠନ କରିବାକୁ ଓସପାର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଦାବି କରିଛନ୍ତି । ଅନ୍ୟପକ୍ଷେ ଜନସାଧାରଣ ଗୁଣାତ୍ମକ ମାନର ଔଷଧ ପାଇବାକୁ ହେଲେ ପଞ୍ଜିକୃତ ଫାର୍ମାସିଷ୍ଟ ନିୟୋଜିତ ଥିବା ତଥା ଶୀତତାପ ନିୟନ୍ତ୍ରିତ ଔଷଧ ଦୋକାନରୁ ଔଷଧ କିଣିବା ଉଚିତ୍ । କାରଣ ପ୍ରାୟତଃ ସମସ୍ତ ଔଷଧକୁ ୩୦ ଡ଼ିଗ୍ରୀ ସେଂଟିଗ୍ରେଡ୍ ତାପମାତ୍ରାରୁ କମ୍ ତାପମାତ୍ରାରେ ରଖିବାକୁ ହୋଇଥାଏ । କିନ୍ତୁ ଆମ ରାଜ୍ୟରେ ଖରାଦିନରେ ତାପମାତ୍ରା ୪୦ ଡ଼ିଗ୍ରୀ ସେଂଟିଗ୍ରେଡ୍‌ରୁ ମଧ୍ୟ ଅଧିକ ରହିଥାଏ । ଫଳରେ ଅଧିକ ତାପମାତ୍ରା ଯୋଗୁଁ ମଧ୍ୟ ସଠିକ୍ ଔଷଧ ମଧ୍ୟ ନିମ୍ନମାନକୁ ଚାଲିଯିବା ସମ୍ଭାବନା ରହିଛି । ଏଣୁ ରାଜ୍ୟ ସରକାର ସମସ୍ତ ସରକାରୀ ନିରାମୟ କେନ୍ଦ୍ରଗୁଡ଼ିକୁ ମଧ୍ୟ ଶୀତତାପ ନିୟନ୍ତ୍ରିତ କରାଯିବା ଜରୁରୀ । ଶୀତତାପ ନିୟନ୍ତ୍ରିତ ନ ହେବା ଯୋଗୁଁ ରାଜ୍ୟରେ ୩୮୮ଟି ନିମ୍ନମାନର ଔଷଧ ଚିହ୍ନଟ ହୋଇଥିବା ନେଇ ଶ୍ରୀ ପଣ୍ଡା ଆଶଙ୍କା ପ୍ରକାଶ କରିଛନ୍ତି । ତେବେ ଏ କ୍ଷେତ୍ରରେ ଜନସାଧାରଣ ମଧ୍ୟ ସଚେତନ ହୋଇ ଔଷଧ କିଣିବା ସମୟରେ ଲେବୁଲ୍ କିମ୍ବା ପାତ୍ରରେ ଲେଖାଥିବା ବ୍ୟାଚ୍ ନମ୍ବରକୁ ମିଳାଇ ଔଷଧ ଦୋକାନରୁ ରସିଦ୍ ଦାବି କଲେ ସଠିକ୍ ଔଷଧ ପାଇ ପାରିବେ ବୋଲି ଏକ ପ୍ରେସ୍ ବିବୃତିରେ ଆହ୍ୱାନ ଦେଇଛନ୍ତି ଓଡ଼ିଶା ରାଜ୍ୟ ଫାର୍ମାସିଷ୍ଟ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ।

# ସୁବର୍ଣ୍ଣପୁର ଜିଲ୍ଲାରେ ସରକାରୀ ଯୋଜନାର ଅଗ୍ରଗତି ସମୀକ୍ଷା



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ: ସୁବର୍ଣ୍ଣପୁର ଜିଲ୍ଲା ନୋଡାଲ ସଚିବ ତଥା ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ, କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ମିନି ସମ୍ମିଳନୀ କକ୍ଷରେ ନୋଡାଲ ସଚିବଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ଗୁଡିକର ଅଗ୍ରଗତି ଓ ପାଣ୍ଠି ବିନିଯୋଗ ଉପରେ ପାର୍ଯ୍ୟାଲୋଚାନା ଓ ସମୀକ୍ଷା କରାଯାଇଥିଲା । ଏହି ପର୍ଯ୍ୟାଲୋଚନା ଓ ସମୀକ୍ଷା ବୈଠକରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ ଉପସ୍ଥିତ ଥିଲେ । ମିନି ସମ୍ମିଳନୀ କକ୍ଷରେ ଜଣ ଜଣ କରି ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ତାଙ୍କ କାର୍ଯ୍ୟାଳୟ ଓ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ଗୁଡିକର ଅଗ୍ରଗତି ଓ ପାଣ୍ଠି ବିନିଯୋଗର ପର୍ଯ୍ୟଲୋଚନ ଓ ସମୀକ୍ଷା କରି ଯୋଜନା କାର୍ଯ୍ୟକାରୀ କରିବାରେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଓ ବିଭିନ୍ନ ଯୋଜନା ଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିଥିଲେ । ପ୍ରଥମେ ସେ ସୁବର୍ଣ୍ଣପୁର ସ୍ଥିତ ସୁରେଶ୍ୱରୀ ମନ୍ଦିର ସାମନାରେ ଓରମାସ ଦ୍ୱାରା ପରିଚାଳିତ ବୁଣାକାର ମାନଙ୍କ ସାଧାରଣ ସୁବିଧା କେନ୍ଦ୍ର ପରିଦର୍ଶନ କରିଥିଲେ । ତାପରେ ବୀରମହାରାଜପୁର ପଞ୍ଚାୟତ ସମିତିର ନିୟନ୍ତ୍ରିତ ବଜାର କମିଟି ମାର୍କେଟ ୟାର୍ଡ ପରିଦର୍ଶନ, କୁଞ୍ଜାପାଲି ସେବାଶ୍ରମ ବିଦ୍ୟାଳୟ ଓ ଏକ ଅଙ୍ଗନ ବାଡ଼ି କେନ୍ଦ୍ର ଓ ଅନ୍ୟ ପ୍ରକଳ୍ପ ଗୁଡ଼ିକ ପରିଦର୍ଶନ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା ୮।୧୨।୨୦୨୫, ମାର୍ଗଶିର ଦି୨୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୦୯।୨୩ ଚନ୍ଦ୍ରୋଦୟ- ରାଘ୮।୪୬।୦୬**

**ଚତୁର୍ଥୀ-** ଦିଘ୪।୦୪ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ରାଘ ୨।୫୪ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୪।୦୪ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୩ ଗତେ ଦିଘ ୭।୩୫ ମଧ୍ୟେ । ଦିଘ ୯।୦୭ ଗତେ ଘ ୧୧।୧୬ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଶତ୍ରୁ ଆପଣଙ୍କଠାରୁ ପରାସ୍ତ ହେବେ । ପ୍ରଚୁର ଧନର ଅଧିକାରୀ ହେବେ । ଶୁଭ ଖବର ପାଇ ଆନନ୍ଦିତ ହେବେ । ପରିବାରରେ ସାମାନ୍ୟ ଦ୍ୱନ୍ଦ ସୃଷ୍ଟି ହେବ ।



**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଆୟରେ ଉନ୍ନତି ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ଦୂରଯାତ୍ରାରେ ସଫଳତା ହାସଲ ହେବ । ଘରେ ଆନନ୍ଦ ଲାଭ ହେବାର ସୂଚନା ।



**ମିଥୁନ:** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସହଯୋଗ ଲାଭ କରିବେ । ଲାଭର ପରିମାଣ ବଢ଼ିବ । ରୋଜଗାରର ପରିମାଣ କମିବ । ମହିଳାମାନେ ସ୍ୱାର୍ଥପର ହେବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଶୁଭ ଖବର ପ୍ରାପ୍ତି ହେବା ରୋଜଗାର ମଧ୍ୟମ ଧରଣର ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି ।



**ସିଂହ:** ଆୟଠାରୁ ବ୍ୟୟର ପରିମାଣ ବଢ଼ିବ । ଦୟାଳୁ ହେବେ । ପରିବାରରେ ସମସ୍ୟା ହେତୁ ଚିନ୍ତା ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନୀତ ହେବେ । ମାଲିମକଦ୍ଦମାରେ ସଫଳତା ହାସଲ ହେବ । ମନ ଅସ୍ଥିର ରହିବ ।



**କନ୍ୟା:** ଆୟର ପରିମାଣ ବଢ଼ିବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ସୃଷ୍ଟି । ପ୍ରତୀକ୍ଷିତ ଶୁଭ ଖବରଟି ଅପରାହ୍ନେ ପ୍ରାପ୍ତି ହେବାର ସୂଚନା ।



**ତୁଳା:** ମନରେ ପ୍ରସନ୍ନ ଭାବ ଜାତ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଲୋକପ୍ରିୟତା ହାସଲ ହେବ । ରୋଜଗାର ସ୍ଥିର ରହିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ପରିଶ୍ରମର ପରିମାଣ ବଢ଼ିବ ।



**ବିଛା:** ପାରିବାରିକ ଆଦର ସମ୍ମାନ ଲାଭ ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଅଳସୁଆମିରେ କାର୍ଯ୍ୟନାଶ ହେବାର ସମ୍ଭାବନା । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଶାନ୍ତି ଲାଭ ହେବ ।



**ଧନୁ:** କର୍ମକ୍ଷେତ୍ରରେ ମାନମନାନ୍ତର ଦେଖାଦେବାର ସୂଚନା। ଧନ କ୍ଷୟର ସୂଚନା । ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ଦର୍ଶନର ସୁଯୋଗ ଲାଭ । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦ ଉତ୍ସବରେ କଟିବା ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟରେ କୃତକାର୍ଯ୍ୟ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ଆର୍ଥିକ ସ୍ଥିତି ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବାର ସୂଚନା ।



**ମୀନ:** କର୍ମକ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବେ । କୁଟୁମ୍ବେ କଳହ ଦେଖାଦେବାର ସୂଚନା । ସମ୍ମାନ ଉପରେ ଆଚଂ ଆସିପାରେ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବ ନାହିଁ । ଆୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୧୨।୨୦୨୫, ମାର୍ଗଶିର ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୦।୦୧ ଚନ୍ଦ୍ରୋଦୟ- ରାଘ୯।୪୭।୧୩**

**ପଚଂମୀ-** ଦିଘ୨।୨୯ପର୍ଯ୍ୟନ୍ତ । **ଅଶ୍ଳେଷାନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ରାଘ ୨।୨୩ ପର୍ଯ୍ୟନ୍ତ **ଚନ୍ଦ୍ରଶୁଦ୍ଧି-** ମେଷ,ବୃଷ, କର୍କଟ, ସିଂହ,କନ୍ୟା, ତୁଳା,ମକର ଓ କୁମ୍ଭ ରାଶିର । ରାଘ ୨।୨୩ ଗତେ ବୃଷ, ମିଥୁନ, ସିଂହ,କନ୍ୟା,ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-**ରାଘ୨।୨୩ପରେ କର୍କଟ ଓ ମକର ରାଶୀର । **ଶ୍ରାଦ୍ଧନିର୍ଣ୍ଣୟ-** ପଚଂମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ୨।୨୯ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୪ ଗତେ ଘ ୬।୫୭ ମଧ୍ୟେ । ଦିଘ ୮।୫୬ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ-** କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜୟନ୍ତୀ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଆତଙ୍କବାଦ ବିରୋଧରେ ବିଶ୍ୱର ଦୁଇ ମହାଶକ୍ତି

ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଓ ଋଷ ଏକାଠି ହୋଇଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ପରେ ଶୁକ୍ରବାର ଅପରାହ୍ନରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏକ ମିଳିତ ପ୍ରେସ ବିବୃତିରେ ଏହି କଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ସେ କହିଛନ୍ତି, ପହଲଗାମ ଆକ୍ରମଣ (ଗତ ଏପ୍ରିଲ ମାସରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା) ହେଉ ଅବା କ୍ରୋକସ୍ ସିଟି ହଲ୍ ଆକ୍ରମଣ (୨୦୨୪ ମାର୍ଚ୍ଚରେ ମସ୍କୋରେ ଇସଲାମିକ ଷ୍ଟେଟ ଖୋରାସାନ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ୧୪୯ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା)- ଏହି ସବୁ ଘଟଣାର ଚେର ସମାନ। ଭାରତର ଅଟଳ ବିଶ୍ୱାସ ଯେ ଯେକୌଣସି ଆତଙ୍କବାଦୀ ଆକ୍ରମଣ ହେଉଛି ମାନବିକ ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ। ଆଉ ଏହା ବିରୋଧରେ ସାରା ବିଶ୍ୱ ଏକାଠି ହେବା ଆମର ସବୁଠୁ ବଡ଼ ବଳ। ଆତଙ୍କବାଦ ଯେକୌଣସି ରୂପରେ ଥାଉନା କାହିଁକି, ତା'ର ମୂଳୋତ୍ପାଟନରେ ଋଷ ସର୍ବଦା ଭାରତ ସହିତ ରହିଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଗତ ଆଠ ଦଶନ୍ଧିରେ ବିଶ୍ୱ ଅନେକ ଉତ୍‌ଥାନ ଓ ପତନ ଦେଖିଛି। ମାନବଜାତିକୁ ଅନେକ ଆହ୍ୱାନ ଓ ସଙ୍କଟ ଦେଇ ଗତି କରିବାକୁ ପଡ଼ିଛି। କିନ୍ତୁ ଏସବୁ ମଧ୍ୟରେ ଭାରତ-ରୁଷର ସଂପର୍କ ସର୍ବଦା ଦୃଢ଼ ରହିଛି। ଏହି ସଂପର୍କ ପରସ୍ପର ପ୍ରତି ଥିବା ସମ୍ମାନ ଓ ବିଶ୍ୱାସ ଯୋଗୁ ସମ୍ଭବ ହୋଇଛି।

ମୋଦି ଓ ପୁଟିନଙ୍କ ଏହି ମିଳିତ ବିବୃତିରେ ଉଭୟ ଦେଶ ମଧ୍ୟରେ ବେପାର ବାଣିଜ୍ୟ, ଅର୍ଥନୀତିକ ସହଯୋଗ ସହିତ ଜାହାଜ ଚଳାଚଳ କ୍ଷେତ୍ରରେ ହୋଇଥିବା ଏକ ଚୁକ୍ତି ସଂପର୍କରେ ମଧ୍ୟ ଉଲ୍ଲେଖ ରହିଛି। ପୁଟିନ କହିଛନ୍ତି ଯେ ଭାରତ ସହିତ ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୧୦୦ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି କରିବାକୁ ରୁଷ ଲକ୍ଷ୍ୟ ରଖିଛି। ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତକୁ ନିରନ୍ତର ଭାବେ ଇନ୍ଧନ ଯୋଗାଇ ଦେବାକୁ ରୁଷ ଆଗ୍ରହୀ ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସ୍ପଷ୍ଟ କରିଛନ୍ତି। ରୁଷଠାରୁ ତୈଳ ନକିଣିବା ପାଇଁ ଦିଲ୍ଲୀ ଉପରେ ଆମେରିକା ଚାପ ପକାଇ ଆସୁଥିବା ବେଳେ ଋଷ ରାଷ୍ଟ୍ରପତି ଏହି କଥା କହିଛନ୍ତି।

ଭାରତ ପ୍ରତି ଥିବା ପ୍ରତିବଦ୍ଧତା ପାଇଁ ରାଷ୍ଟ୍ରପତି ପୁଟିନଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତ ଓ ଋଷର ଭାଗିଦାରୀରେ ଶକ୍ତି ସୁରକ୍ଷା ଏକ ଶକ୍ତ ଓ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇ ରହିଆସିଛି ବୋଲି କହିଛନ୍ତି ମୋଦି। ତେବେ ସେ ନିର୍ଦ୍ଦିଷ୍ଟ ଭାବେ ତୈଳ କଥା ଉଲ୍ଲେଖ ନକରି ଆଣବିକ ଓ ସ୍ୱଚ୍ଛ ଶକ୍ତି ବିଷୟରେ କହିଛନ୍ତି। ଏହି ସହଯୋଗକୁ ଭାରତ ବଜାୟ ରଖିବ ବୋଲି ସେ କହିଛନ୍ତି।

# ଅଦୃଶ୍ୟ କୁମ୍ଭାରର ଇଚ୍ଛା–୩



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପଥିତଯଶା ସୁରେନ୍ଦ୍ରମହାନ୍ତି। ଜୀବନରେ ଆସିଛି ଘାତ, ପ୍ରତିଘାତ। ତଥାପି ଜୀବନ ଗତିଶୀଳ। ଖାଲି ଚଳିଯିବାଟା ବଡ଼ କଥା ନୁହେଁ। ସବୁ ମଣିଷ ଚଳନ୍ତି। କିଏ ସୁଖରେ, କିଏ ଦୁଃଖରେ। କିନ୍ତୁ ଚଳନ୍ତି ଠିକ୍। ଏ ତ ବିଧିର ବିଧାନ! ସଂଘର୍ଷରୁ ତାଙ୍କର ସିଦ୍ଧି। ଜଟିଳ ରାଜନୈତିକ ଜୀବନ। ରାଜନୀତିରୁ ସଫଳ ସାହିତ୍ୟ ସର୍ଜ୍ଜନା। ଏହା ତାଙ୍କର ଅନନ୍ୟ ସଫଳତା। ପତ୍ରିକା ସମ୍ପାଦକ ଭାବେ ତାଙ୍କର ଢେର୍ ସମ୍ମାନ। ପ୍ରକାଶକଲେ 'ଜନତା' ଖବରକାଗଜ। ପତ୍ରିକା ସମ୍ପାଦନ କରିବା ଲୁହାର ବଡଚଣା ଚୋବାଇବା ସାର। ଘୋର ଆର୍ଥିକ ଦୁର୍ଗତି। 'ଜନତା' ବନ୍ଦ ହେଲା। ଏହାର ପୁନରୁଦ୍ଧାର, ଏଇଟି ବର୍ତ୍ତମାନର ବଡ଼ ଆବଶ୍ୟକତା। ମନ କହୁଛି, ଅର୍ଥ କାହିଁ? ଅତି କମ୍‌ରେ ପାଞ୍ଚଶହ ଟଙ୍କା, ସେତେବେଳେ ବିରାଟ କଥା। ସ୍ତ୍ରୀ ରେଣୁକା। ସୁରେନ୍ଦ୍ରଙ୍କର ସୁଖ ଦୁଃଖର ସାଥୀ। ତାଙ୍କ ଗଳାରେ ସୁନାହାରଟିଏ। ସୁରେନ୍ଦ୍ର ହାରଟି ତାଙ୍କଠାରୁ ଆଣିଲେ। ଛ' ମାସ ପାଇଁ ବନ୍ଧା ପକାଇଲେ। ସ୍ତ୍ରୀଙ୍କ ମନ ବହଲେଇ ଦେଲେ। ସେ ପରିଚାଳିକା, ସବୁ ସୁନାମ ତାଙ୍କର। ସମ୍ପାଦକ ତ ନାମକୁ ମାତ୍ର, ତାଙ୍କ ନିରାଭରଣ ଗଳା ବେଶ୍ ସୁନ୍ଦର - ଏମିତି କଥା ମାନ କହିଲେ। ହେଲେ ତାଙ୍କ ଅନ୍ତର ହା-ହା କାର କରୁଥାଏ। ପ୍ରତିଟି ଶବ୍ଦରେ କାରୁଣ୍ୟର ବ୍ୟଞ୍ଜନା। ତାଙ୍କ ପୁରୁଷାକାର ଆସ୍ତେ ନିମ୍ନଗାମୀ ହେଲା। ସୁରେନ୍ଦ୍ର ସବୁ ବୁଝିଲେ। ଅଗତ୍ୟା ଚାରା ବା କ'ଣ? ସ୍ତ୍ରୀଙ୍କ ଗହଣା ବନ୍ଧା ଟଙ୍କା। ସେଇ ଟଙ୍କାରେ 'ଜନତା'ର ପ୍ରସ୍ତୁତି ପର୍ବ। ପୁରୁଣା କର୍ମଚାରୀ ଆସିଲେ। ଦରମା ପାଇବାର ପ୍ରତିଶ୍ରୁତି ପାଇଲେ। ବାକି ଲୋଡ଼ା ଟାଇପ୍। କଟକର ନାଁ ଡାକ ଟାଇପ୍ ପ୍ରସ୍ତୁତକାରୀ କପିଳ। ତାଙ୍କ ଟାଇପ୍ ଖୁବ୍ ପ୍ରସିଦ୍ଧ। ସେ ନିଜ ହାତରେ ଛେଣି ମାରେ। ସୁନ୍ଦର ସୁନ୍ଦର ଟାଇପ୍ ତିଆରି କରେ। ସୁରେନ୍ଦ୍ର ତାଙ୍କୁ ପଚାଶ ଟଙ୍କା ଅଗ୍ରିମ ଦେଲେ। ଆବଶ୍ୟକ ଟାଇପ୍ ଯୋଗାଇବାକୁ ଅନୁରୋଧ ରଖିଲେ। ସୁରେନ୍ଦ୍ରଙ୍କ ଦୁରବସ୍ଥା। ଏ କଥାଟି କପିଳ ମିସ୍ତ୍ରୀଙ୍କୁ ଅଛପା ନଥିଲା, ସେ ରାଜିହେଲେ। ଆବଶ୍ୟକୀୟ ଟାଇପ୍ ବି ଯୋଗାଇ ଦେଲେ। 'ଜନତା' ପୁନଃ ଆତ୍ମପ୍ରକାଶ କଲା। ଆସି ପହଞ୍ଚିଲେ ହକର୍ ତରେଇ। 'ଜନତା' ସହ ବିଜୁଳି ପତ୍ରିକା, କଟକବାସୀ ପୁଣି ଶୁଣିଲେ। ସେଇ ପୁରୁଣା କଥା – "ବିଜୁଳି, ଶାସନ ଗଲାଣି ବଦଳି।" ସୁରେନ୍ଦ୍ର ହେଜିଲେ। ତଥାକଥିତ ବଡ଼ଲୋକ, ତାଙ୍କ ମନ ବୋଲି କିଛି ନାହିଁ। ବଡ଼ କାମରେ କେବେ ସହାୟତା କରନ୍ତିନି। ସମାଜର ନିମ୍ନବର୍ଗର ଲୋକ, ତାଙ୍କ ଠାରୁ ଥରୁଟିଏ ଶ୍ରଦ୍ଧା, ଆଶୀର୍ବାଦ ଆଉ ସାହାଯ୍ୟ; ଏଥିରେ ଅସାଧ୍ୟ ମଧ୍ୟ ସାଧନ ହୁଏ। କପିଳ ମିସ୍ତ୍ରୀ, ରହିଗଲେ ତାଙ୍କ ହୃଦୟରେ ଗାରଟିଏ ହୋଇ।

ଦିନ ଗଡ଼ି ଚାଲିଲା। ଅନନ୍ତର ଛାଇ ଲମ୍ୱି ଲମ୍ୱି ଆସିଲା। 'ଜନତା'ର ଢୋକେ ପିଇ ଦଣ୍ଡେ ଜୀଇ ଅବସ୍ଥା। ଓଡ଼ିଶା ସରକାର ଦିଅନ୍ତି ଆଡଭରଟାଇଜ୍‌ମେଣ୍ଟ। ସେ ପୁଣି କାଁ ଭାଁ, କେତୋଟି। ରାଜନୈତିକ ଆକ୍ରୋଶ ବଢ଼ିଲା। ସରକାର ତାକୁ ବି ବନ୍ଦ କରିଦେଲେ। ଏଜେଣ୍ଟମାନେ ଯାହା ତ ଦିଅନ୍ତି? ତାଙ୍କ ଉପରେ ଶହ ଶହ ଟଙ୍କା ବାକି। ମାଗି ମାଗି ଥକତ। ଟଙ୍କା ତ ମିଳେନି, ଶେଷରେ କାଗଜ ନେବା ବନ୍ଦ କରି ଦିଅନ୍ତି। 'ଜନତା'କୁ ନିୟମିତ କାଢ଼ିବା ଅସମ୍ଭବ ହୋଇଗଲା। ଦିନକର ରାତି, ସପରିବାର ମଇଦା ଲେହି ଖାଇ ରହିଲେ। ଆଉ ଦିନକର କଥା। କୌଣସି ମନି ଅର୍ଡ଼ର ନାହିଁ। ସନ୍ଧ୍ୟାରେ ସଉଦା ଆସିବ। ସ୍ତ୍ରୀ ବିଷଣ୍ଣ। ସୁରେନ୍ଦ୍ର ପ୍ଲେଟେ 'ପରିଜ୍' ଆଣିଦେଲେ। ଟିକେ କ୍ଷୀର, ସାଥିରେ ଅଳ୍ପ ଚିନି। ବେଶ୍ ସ୍ୱାଦିଷ୍ଟ ବ୍ୟଞ୍ଜନ – ଏ କଥା ବି କହିଲେ। ମାତ୍ର ସ୍ତ୍ରୀ ଖାଇଲେନି, ଗିଲାସେ ପାଣି; ସେଇ ତାଙ୍କର ରାତି ଆହାର। ସୁରେନ୍ଦ୍ର ମନେ ମନେ ଆଘାତ ପାଇଲେ। କାଗଜ ବାହାରୁଛି, କେବଳ ନାଁ'ଟିକକ ଯାହା। ଏଣେ ପେଟ ଅପୂରା, ଆଉ କେତେ ଦିନ, ଘରୁ ଭାତ ଖାଇ ଘୋଡ଼ା ଆଗରେ ଦଉଡ଼ା। ମନେ ମନେ ସ୍ଥିର କଲେ, ଚାକିରି କରିବେ, ଆଉ କାଗଜ ପଛରେ ଗୋଡ଼େଇବେନି।

ଛାଇର ଗହନ ଅନ୍ଧାର। ଦିଗ ହଜା ସୁରେନ୍ଦ୍ର; ପୁନଃ ଦେଖିଲେ ଆଲୁଅକୁ। ସତରେ! ଜୀବନର ଛାଇ, ସୁରେନ୍ଦ୍ରଙ୍କୁ ଲଢ଼ିବା ଶିଖେଇଲା। ସଫଳତାର ଆଡ଼େ ବାଟ କଢ଼ାଇ ନେଲା। ଏଇ ଛାଇ ଆଲୁଅର ବିଚିତ୍ର ଖେଳ, ସୁରେନ୍ଦ୍ରଙ୍କର ହେଲା ଜିତାପଟ। ଏବେ ସେ ବେତନଭୋଗୀ ନୁହନ୍ତି, ଜଣେ ସଫଳ ସମ୍ପାଦକ, ଲବ୍ଧପ୍ରତିଷ୍ଠ ସାହିତ୍ୟିକ।

ବିଧିର ବିଧାନ ବଡ଼ ବିଚିତ୍ର। ତାକୁ କିଏ ବା କରିବ ଆନ। ସେଇ ବିଧି ଦୈବ, ଈଶ୍ୱର, ବିହି, ଭାଗ୍ୟ, ନିୟତି। କେହି କେହି କହନ୍ତି ଅଦୃଷ୍ଟ। ସେ ସର୍ବଶକ୍ତିମାନ, ସର୍ବବ୍ୟାପକ, ସୃଷ୍ଟିର ଶୁଭ ଚିନ୍ତକ। ତା'ରି ଲୀଳାଖେଳାର ଏ ସଂସାର। କାହା ଲଲାଟରେ କିବା ଲେଖିଛି ବିଧି। ଏକଥା ମଣିଷର ଚିନ୍ତା, ଚେତନା ବାହାରେ। ସେଇ ଦାରୁଣ ବିଧି, କାଳ, ସମୟ, ମହାକାଳ। କାହାକୁ ଦିଏ ପାଟପଟନୀ ତ କା' କୁଳ ଦିଏ ଭସେଇ। ସେଇଥି ପାଇଁ ସବୁ ଅଳୀକ, ମିଛ ମାୟା, ଗୋଟେ ଅସାର ବନ୍ଧନ। ମୁହୂର୍ତ୍ତକରେ ଆଶା ପାଲଟେ ନିରାଶା, ବିଧାତା ଚିନ୍ତେ ଆନ। ସେଇଥି ପାଇଁ କେ ରହିଛି ଭବେ, ବାସ୍ତବ ବିଭବେ ସୁବର୍ଣ୍ଣ ମୁକୁଟ ବାନ୍ଧି। ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର। ସବୁ ତା'ରି ଭିଆଣ। ଆଜି ପାଲିଙ୍କି ଉପରେ ପାଟଛତା ତ କାଲି ବେଡ଼ି ଉପରେ କୋରଡ଼ା। ସବୁ ସେଇ ଇଚ୍ଛାମୟଙ୍କ ଇଚ୍ଛା, ସୃଷ୍ଟିକୁ କରିଛି ମଧୁମୟ, ଅମୃତ ପୂର୍ଣ୍ଣ। କ୍ଷୁଦ୍ରବୁଦ୍ଧି ମାନବ, ବୁଝିପାରେନା ତା'ର ସଦିଚ୍ଛା। ସୁଖ ସମୃଦ୍ଧି ପଛରେ ଧାଏଁ। ହୁଏ ମସଗୁଲ। ଆସେ ଦୁର୍ଦ୍ଦିନ, ଜୀବନ ପାଲଟେ ଦୁର୍ବିସହ। ତାହାକୁ ଅଭିଶାପ ମଣେ। ମାତ୍ର ସବୁ ତା'ରି ଇଙ୍ଗିତରେ। ବିଜ୍ଞ ଜନେ, ମୁନି, ଋଷି ଏକଥାଟି ଜାଣନ୍ତି। ନିତି ପ୍ରତି ଜୀବନରେ ନାନାଦି ଘଟଣା ଘଟେ। ସୁଖଗୁଡ଼ାକ ଘୋଡ଼ାପିଠିରେ ଦୌଡ଼େ, ନିରାଶାର ଭଙ୍ଗାମନ ଫିକା ପଡ଼େ। ସ୍ଥିତପ୍ରଜ୍ଞଟେ, ନା ଦୁଃଖରେ ଭାଙ୍ଗିପଡ଼େ, ନା ସୁଖରେ ବିଭୋର ହୁଏ। ସବୁ ବିଧାତା ପାଖରେ ସଅଁପି ଦିଏ। ଜୀବନ ହୋଇଯାଏ ଆଲୋକିତ। ଏକଥା ବହୁ ବହୁ ବିଜ୍ଞାନୀ ଜନ ସ୍ୱୀକାର କରନ୍ତି, ମାନିଛନ୍ତି ବିଶିଷ୍ଟ ରାଜନେତା, ସାହିତ୍ୟର ସୁଦକ୍ଷ ବିନ୍ଧାଣି ସୁରେନ୍ଦ୍ର ମହାନ୍ତି। ତୃତୀୟ ସାଧାରଣ ନିର୍ବାଚନ, ସେ କେନ୍ଦ୍ରାପଡ଼ା ଲୋକସଭା ଆସନର ପ୍ରାର୍ଥୀ, ପ୍ରତିଦ୍ୱନ୍ଦ୍ୱୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ। ଫଳ ଘୋଷଣା ହେଲା, ସୁରେନ୍ଦ୍ର ୨୧୨ ଭୋଟରେ ଜିତିଲେ – ଏକଥା ପ୍ରକାଶ ପାଇଲା। ପୁନଃ ଗଣତିରେ ସେ ୬୬ ଖଣ୍ଡ ଭୋଟରେ ହାରିଲେ। ଏଇ ଥିଲା ଆକସ୍ମିକ ପରାଜୟ। ମାନସିକ ସ୍ତରରେ ସେ ବିଷାଦଗ୍ରସ୍ତ। ମାତ୍ର ତାହା ଥିଲା ଈଶ୍ୱରଙ୍କ କଳ୍ପନା। ସୁରେନ୍ଦ୍ରଙ୍କୁ ପାଞ୍ଚବର୍ଷ ସମୟ ମିଳିଲା। କଳା, ସାହିତ୍ୟରେ ମନୋନିବେଶ କଲେ। ଲେଖିଲେ ଓଡ଼ିଆ ସାହିତ୍ୟ ଇତିହାସର ଆଦିପର୍ବ, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ। ରଚନା କଲେ 'ନୀଳଶୈଳ'। ଏଇଟି ଏକ ଅନନ୍ୟ ସୃଷ୍ଟି। ତାହାହିଁ ବିଧି ନିର୍ଦ୍ଦେଶ। ହାରିବା ସୁରେନ୍ଦ୍ରଙ୍କ ଲଲାଟ ଲିଖନ। 'ନୀଳଶୈଳ' ସୃଷ୍ଟି ବି ବିଧି ବ୍ୟବସ୍ଥା। ଏ କଥାଟି ସୁରେନ୍ଦ୍ର ମର୍ମେ ମର୍ମେ ଅନୁଭବ କଲେ।

ବ୍ୟର୍ଥତା, ଅବସାଦ, ଶୂନ୍ୟବୋଧ – ଏସବୁ ଆତ୍ମକେନ୍ଦ୍ରିକ ପରିଣତି। ଆତ୍ମକେନ୍ଦ୍ରିକ ପଞ୍ଜୁରୀରୁ ମଣିଷ ବାହାରିବାକୁ ପଡ଼ିବ। ସାଧାରଣ ମଣିଷଟେ ପରି, ନିତି ଫୁଲ ତୋଳିବା, ଦିଅଁ ଦର୍ଶନ, କୀର୍ତ୍ତନରେ ଭାଗ ନେବା, ତା' ପରେ ନିଜକୁ ଆନନ୍ଦମୟଙ୍କର ଏକ ନିଖିଳ ସତ୍ତା ସହ ମିଶାଯାଇ ପାରିବ, କ୍ଷୁଦ୍ର ଅସ୍ମିତା ଦୂର ହେବ। ଏକ ବୃହତ୍ତର ସତ୍ତା ସହ ଆତ୍ମସ୍ଥ ହେବା ପଥ ଉନ୍ମୁକ୍ତ ହେଇଯିବ, ଘୁଞ୍ଚିଯିବ ସବୁ ଅବସାଦ। ସୁରେନ୍ଦ୍ର ସେଇ ପରମାତ୍ମାଙ୍କୁ ଖୋଜିଲେ, ଭୁଲିଗଲେ ପରାଜୟର ଗ୍ଲାନି। ଅନ୍ଧକାର ଦୂର ହେଇଗଲା, ଲିଖନ ପଠନରେ ମନ। ଅଠରଖଣ୍ଡ ସାରଳା ମହାଭାରତ ପଢ଼ିଲେ। ନୂତନ ଶବ୍ଦ, ସ୍ଥାନ କାଳ ପରିବେଶ କଥା, ଆପଣା ଅନୁଭୂତି, ସବୁ ଟିପି ରଖିଲେ ଟିପା ଖାତାରେ। ଆରମ୍ଭ କଲେ ବଳରାମ ଦାସଙ୍କ ଦାଣ୍ଡି ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ ଇତ୍ୟାଦି। ସବୁ ପଢ଼ି ଶେଷ କଲେ। ହେଲେ ମନ ଅତୃପ୍ତ। ତୃପ୍ତି ଅବା ଆତ୍ମସନ୍ତୋଷ; ବିଶେଷ କରି ସାହିତ୍ୟରେ। ଏଇଟି ମୃତ୍ୟୁର ନାମାନ୍ତର ମାତ୍ର। ଜୀବନରେ ନାହିଁ ତୃପ୍ତି, ନାହିଁ ସନ୍ତୋଷ। ଅତୃପ୍ତିର ତାଡ଼ନା, ତା'ରି ପ୍ରେରଣା, ପୂର୍ଣ୍ଣତା ପାଇଁ ମଣିଷର ବିକଳ ଯାତ୍ରା, ଚରୈବେତି... ଚରୈବେତି! ସାମାନ୍ୟ ସଫଳତା ଆତ୍ମସନ୍ତୋଷ ଦେଇପାରେ, ଏଇଥିରେ କୃତାର୍ଥ ମଣିବା, ନିଜକୁ କବି ସମ୍ରାଟ ଅବା କଥା ସମ୍ରାଟ ଭାବିବା, ଆନନ୍ଦ ପାଇବା; ଯା ଠାରୁ ବଳି ଦୈନ୍ୟ ଆଉ କ'ଣ ହେଇପାରେ? ଏଇ ମାନସିକତାର ବିରୋଧୀ ସୁରେନ୍ଦ୍ର। ଆଗକୁ ମାଡ଼ିଚାଲିଲେ, ସଫଳତାର ପାହାଚ ପରେ ପାହାଚ ଚଢ଼ା, ଶେଷଯାଏ ତୃପ୍ତିରେ ନିମଜ୍ଜିତ ହେଲେନି। ଏଇ ତ ସଚ୍ଚା ସାହିତ୍ୟିକର ଜୀବନ ଚର୍ଯ୍ୟା।

ସୁରେନ୍ଦ୍ରଙ୍କର କାଳଜୟୀ କୃତି 'ନୀଳଶୈଳ'। ଏହାର ରଚନା ପଛରେ ଗୋଟେ ଚମତ୍କାର ପୃଷ୍ଠଭୂମି। ୧୯୬୪ ମସିହା, ଆଷାଢ଼ ଶୁକ୍ଳ ଦ୍ୱିତୀୟା, ମହାପ୍ରଭୁଙ୍କ ଘୋଷଯାତ୍ରା। ସୁରେନ୍ଦ୍ର ଆକାଶବାଣୀ ପକ୍ଷରୁ ଧାରା ବିବରଣୀ ଦେଲେ। ସିଂହଦ୍ୱାର ସାମ୍ନାରେ ରାଧାବଲ୍ଲଭ ମଠ ଉପର ଛାତ, ସେଇଠି ବସି ବିବରଣୀ ଦେବାର ବ୍ୟବସ୍ଥା। ତିନି ଠାକୁରଙ୍କୁ ଖେଚଡ଼ି ଭୋଗ ଲାଗି, ତା' ପରେ ପହଣ୍ଡି ବିଜେ। ମାତ୍ର ବିଚିତ୍ର ଘଟଣାଟେ ଘଟିଲା। ପଣ୍ଡା, ମନ୍ଦିର ପ୍ରଶାସନ - ପରସ୍ପର ମୁହାଁମୁହିଁ। ଖେଚଡ଼ି ଭୋଗ ଯଥା ସମୟରେ ହେଇ ପାରିଲାନି। ମନ୍ଦିର ପ୍ରଶାସନ ଯତ୍ନଶୀଳ। ଜଗନ୍ନାଥଙ୍କ ଶ୍ରୀଘୋଷଯାତ୍ରା। ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶ। ଶୀଘ୍ର ପହଣ୍ଡି ହେବା ବିଧେୟ। ପ୍ରଶାସନ ଅଳ୍ପ ଖେଚଡ଼ି ଭୋଗ ବରାଦ କଲା। ପଣ୍ଡାଙ୍କର ଅର୍ଜ୍ଜନ ବେଳ। ଅଳ୍ପ ଖେଚଡ଼ି କଲେ କେମିତି ଚଳିବ? ସେମାନେ ଚାହିଁଲେ ହଣ୍ଡା ହଣ୍ଡା ଖେଚଡ଼ି। ଜଣେ ପଣ୍ଡା ଭୀଷଣ ଉତ୍ୟକ୍ତ। ଖେଚଡ଼ି ହାଣ୍ଡିଟା ତଳେ କଚିଦେଲା। ତାଙ୍କର ବୁଢ଼ା ଆଙ୍ଗୁଠିଟା ଫାଟିଗଲା। ରକ୍ତ ଝର ଝର, ମନ୍ଦିର ଅପ୍ରତିଷ୍ଠା, ଦେଉଳ ଶୋଧ ଚାଲିଲା। ପୁନଃ ଖେଚଡ଼ି ରନ୍ଧାଗଲା। ଦିଅଁଙ୍କୁ ଭୋଗଲାଗି ହେଲା, ଆରମ୍ଭ ହେଲା ପହଣ୍ଡି ବିଜେ, ଅପରାହ୍ଣ ଚାରିଟା, ତିନି ଠାକୁର ଚାର ଉପରକୁ ଚଢ଼ିଲେ। ସନ୍ଧ୍ୟା ଆସ୍ତେ ପୁରୀକୁ ଆଚ୍ଛନ୍ନ କଲା। ସନ୍ଧ୍ୟା ପରେ ରଥଟଣା ନିଷିଦ୍ଧ। ଲକ୍ଷ ଲକ୍ଷ ଭକ୍ତ ନିରାଶ। ସେବାୟତଙ୍କର ମନମାନି, ପ୍ରଶାସନ ମୁଣ୍ଡ ନୁଆଁଇଲା। ଗତ ଶତାବ୍ଦୀ, ରାତିରେ ମଶାଲ ଜାଳି ରଥଟଣା ହେବା କଥା ସୁରେନ୍ଦ୍ର ପଢ଼ିଥିଲେ। ସେଦିନ ରଥଟଣା ନୋହିଲା। ପହଣ୍ଡି ବିଜେରୁ ଧାରାବିବରଣୀ ସମାପ୍ତ। କେହି ରାଧାବଲ୍ଲଭ ଛାତ ଉପରେ ନାହାନ୍ତି, ଯିଏ ଯୁଆଡ଼େ ଗଲେଣି। ମହଲ ଆଲୁଅ, ବୁଢ଼ୀ ଜଣେ କିଛି ଛଡ଼ାରେ କାନ୍ଦୁଛି। ଧାର ଧାର ଲୁହ ଝରୁଛି। ସୁରେନ୍ଦ୍ର ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ବୃଦ୍ଧାଙ୍କୁ କାନ୍ଦିବାର କାରଣ ପଚାରିଲେ – "ରଥ ଆଜି ଚାଲିଲା ନାହିଁ। ଜଗନ୍ନାଥ ଆମ ପାଇଁ କଚଡ଼ା-ପଡ଼ା ସହି, କେତେ କଷ୍ଟ ପାଇ ନାହାନ୍ତି ଭଲା" – ଏଇ ଥିଲା ବୃଦ୍ଧାଙ୍କ ଉତ୍ତର। ଏଇ ଏକ ଛୋଟ ଘଟଣା। ମୋହାବିଷ୍ଟ ସୁରେନ୍ଦ୍ର। ଓଡ଼ିଆ ଜାତିର ଜଗନ୍ନାଥଙ୍କ ସହ ମାର୍ମିକ ସମ୍ପର୍କ, ଭାରତର ଅନ୍ୟ କୌଣସି ଅଞ୍ଚଳରେ ପରିଦୃଷ୍ଟ ନୁହେଁ। ଆଉ କେଉଁ ଦେବତା, ଜନସାଧାରଣଙ୍କର ତାଙ୍କ ସହ ଆବେଗିକ ସମ୍ପର୍କ ନାହିଁ। ଜଗନ୍ନାଥ ଓଡ଼ିଆ ଜାତିର ଚେତନା, ଓଡ଼ିଆର ଆବେଗ, ବିଶ୍ୱାସ – ସବୁକିଛି। ଏ ନିବିଡ଼ ସମ୍ପର୍କ ଭାରତ କାହିଁକି, ସମଗ୍ର ବିଶ୍ୱରେ ପରିଲକ୍ଷିତ ନୁହେଁ। ଏଇ ସୂକ୍ଷ୍ମ ସମ୍ପର୍କର ଚିତ୍ର, ସାହିତ୍ୟକୁ ନିଶ୍ଚୟ ରସସିକ୍ତ କରିବ। ବହୁ ବିନିଦ୍ର ରଜନୀ କଟିଲା। ସୁରେନ୍ଦ୍ର ଜଗନ୍ନାଥ ଭାବରେ ଆବେଶ। ଶେଷରେ ପାଇଗଲେ 'ନୀଳଶୈଳ'ର ପ୍ଲଟ୍। 'ନୀଳଶୈଳ' ଉପନ୍ୟାସର ହେଲା ଶୁଭାରମ୍ଭ। ସବୁ ସେଇ କାଳିଆର ଇଚ୍ଛା।

ତିନି ଦିଅଁ ରତ୍ନସିଂହାସନାରୂଢ଼ ହେବେ। ନଚେତ୍ ଅଗଣିତ ଶ୍ରୋତା ମନ ଊଣା କରିବେ। ସୁରେନ୍ଦ୍ର ଫେରେଇଲେ ପ୍ରଭୁଙ୍କୁ। ହେଲେ 'ନୀଳାଦ୍ରି ବିଜୟ'ରେ ନଥିଲା – 'ନୀଳଶୈଳ'ର ଆବେଗ ଅବା ଦିବ୍ୟାନୁଭବ। ଖୋର୍ଦ୍ଧା ଗଜପତି ଏଥିରେ ନାୟକ ହେଲେନି, ସ୍ୱୟଂ ପ୍ରଭୁ ଜଗନ୍ନାଥ ନାୟକ – ଏଇ ଧାରାରେ ଲେଖା ଚାଲିଲା। ଚିଲିକା ମଧ୍ୟର ଅପନ୍ତରା ଦ୍ୱୀପ। ସେଇଠୁ ଫେରିଲେ ବ୍ରହ୍ମାଣ୍ଡ ଠାକୁର, ବିଜେ କଲେ ଶ୍ରୀମନ୍ଦିର ରତ୍ନବେଦିରେ।

ଓଡ଼ିଶାରେ ଲେଖକଟିର ଦୁରବସ୍ଥା। ଅନ୍ୟ ବୃତ୍ତିରେ ସ୍ଥାନିତ ବ୍ୟକ୍ତିବିଶେଷ, ଓକିଲ-ଡାକ୍ତର-ଇଞ୍ଜିନିୟର-ଆର୍କିଟେକ୍ଟ, ତାଙ୍କ ପାଇଁ ସମାଜର ହାତଖୋଲା, ଅଧିକ ପାରିଶ୍ରମିକ ପ୍ରଦାନରେ କୁଣ୍ଠା ନାହିଁ। ସାହିତ୍ୟ କଥା ଉଠେ – ସହଜ ଉତ୍ତରଟେ – ସାହିତ୍ୟ ସେବାର ମୂଳ କ'ଣ ଆମେ ଦେଇ ପାରିବୁ? ଏହାର ଅର୍ଥ – ସାହିତ୍ୟିକ ସମାଜକୁ ଦେଇ ଚାଲିବ, ବିନିମୟରେ ପାଇବ ମନ ଉଲ୍ଲୁସା, କର୍ଣ୍ଣ ରସାୟନ କେଇଟି ରୋଚକ ଶବ୍ଦପୁଞ୍ଜ। ସାହିତ୍ୟିକ ରୋଗ ବ୍ୟାଧିରେ ବି ସମାଜକୁ ଔଷଧ ପାଇଁ ପଇସା ମାଗିପାରିବନି। ପେଟରେ ଓଦାକନା, ତେଣେ ପରିବାର ପ୍ରତିପୋଷଣ ଚିନ୍ତା। ଏ ପ୍ରବଞ୍ଚନାବାଦୀ ଦର୍ଶନର ସୁରେନ୍ଦ୍ର ଘୋର ବିରୋଧୀ। 'ନୀଳଶୈଳ' ଅକାଦେମୀ ପୁରସ୍କାର ବିଜେତା। ସବୁର ଉର୍ଦ୍ଧ୍ୱରେ ଏଇଟି ଓଡ଼ିଆ ବାଣୀ ଭଣ୍ଡାରର ଅମୂଲ୍ୟ କୀର୍ତ୍ତି, ଦୁଷ୍ପ୍ରାପ୍ୟ କୋହିନୂର – ଏହା ସର୍ବସମ୍ମତ। ଏଇତ ବିଧିର ବିଧାନ। ଭୋଟ ପୁନଃ ଗଣତିରେ ସୁରେନ୍ଦ୍ରଙ୍କର ପରାଜୟ। ଏହା ପଛରେ ଥିଲା ଦଇବର ମହତ ଉଦ୍ଦେଶ୍ୟଟେ, ତା' ନ ହୋଇଥିଲେ, ଏ ଜାତି ପାଇନଥାଆନ୍ତା 'ନୀଳଶୈଳ'। ଉପନ୍ୟାସ ଜଗତରେ ତାହା ଅନନ୍ୟ ଅସାଧାରଣ ନିଶ୍ଚୟ। ଏ ସମସ୍ତ ଇଚ୍ଛାମୟଙ୍କ ଇଚ୍ଛା। ସତରେ! ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାଯସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# ରାଜନୀତି ପରିବର୍ତ୍ତନର ମୂଳ ଚାବିକାଠି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

କୌଣସି ଆନ୍ଦୋଳନ ରାଜନୈତିକ ରୂପ ନନେଲା ପର୍ଯ୍ୟନ୍ତ ତାହା ସଫଳତା ଲାଭ କରିପାରେ ନାହିଁ। ବିଶ୍ୱରେ ଯେତେ ସଫଳ ବିପ୍ଲବ ଅନୁଷ୍ଠିତ ହୋଇଯାଇଛି ତାହା ପଛରେ ରହିଛି ରାଜନୈତିକ ସଦିଚ୍ଛାର ବିସ୍ତାର। ବିପ୍ଲବୀମାନେ ଏହାର ବିସ୍ତାର ମାଧ୍ୟମରେ ନିଜେ ରାଜନୈତିକ କ୍ଷମତାକୁ ଅକ୍ତିଆର କରନ୍ତି ଅଥବା ରାଜନୈତିକ ଚାପସୃଷ୍ଟି ମାଧ୍ୟମରେ ଶାସକ ବର୍ଗକୁ ନିଜ କଥା ମାନିବାକୁ ବାଧ୍ୟ କରନ୍ତି। ତେବେ ସଂଖ୍ୟାଧିକ କ୍ଷେତ୍ରରେ ଦେଖାଯାଇଛି ଆନ୍ଦୋଳନକାରୀମାନେ ନିଜେ ଶାସନ କ୍ଷମତାକୁ ଅଧିକାର କରିବା ପାଇଁ ପ୍ରୟାସ କରିଛନ୍ତି। ଶାସନ କ୍ଷମତା ହାତମୁଠାକୁ ନେବାପରେ ତାଙ୍କୁ ନିଜ ସପକ୍ଷରେ ନିୟମ ତିଆରି କରିବାକୁ ସହଜ ହୋଇଛି। କାରଣ ଏପରିବି ଦେଖାଯାଇଛି ଆନ୍ଦୋଳନର ଚାପରେ ଗୋଟିଏ ସରକାର ଯାହା ମାନିବାକୁ ହଁ ଭରିଥାଏ ତାହାକୁ ପରେ ନମାନିବାର ଦୃଷ୍ଟିଭଙ୍ଗି ଆପଣେଇ ଥାଏ। ଏପରି ଦୃଷ୍ଟାନ୍ତ ଅନେକ ରହିଛି।

ଏହି ପ୍ରସଙ୍ଗରେ ଭାରତବର୍ଷର ସମ୍ବିଧାନର ପ୍ରଣେତା ଓ ସାମାଜିକ ସମତା ଆନ୍ଦୋଳନର ମଉଡ଼ମଣି ଡକ୍ଟର ବି. ଆର. ଆମ୍ବେଦକରଙ୍କ ପ୍ରସିଦ୍ଧ ଉକ୍ତି ଉଲ୍ଲେଖ ଯୋଗ୍ୟ। ସେ ନିଜ ଆନ୍ଦୋଳନର ସନ୍ଦର୍ଭରେ କହିଥିଲେ 'ରାଜନୀତି ହେଉଛି ସମସ୍ତ ତାଲାର ମୂଳ ଚାବିକାଠି'। ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା ଯେ ଦେଶରେ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ, ଅର୍ଥାତ୍ ସାମାଜିକ ଅସମ ସମାଜକୁ ବଦଳାଇ ଏକ ସମତାଭିତ୍ତିକ ସମାଜ ପ୍ରତିଷ୍ଠା କରିବାକୁ ହେଲେ ସମତାକାମି ଆନ୍ଦୋଳନକାରୀମାନଙ୍କୁ ରାଜନୈତିକ କ୍ଷମତା ଦଖଲ କରିବାକୁ ପଡିବ। ଏହାରି ମାଧ୍ୟମରେ କୋଠର ନିୟମ ତିଆରି କରି ଏକ ଭେଦଭାବ ରହିତ ସମତା, ମମତା ଓ ପ୍ରଜ୍ଞାଶୀଳ ସମାଜର ସ୍ଥାପନ କରିହେବ। ଯେତେ ପର୍ଯ୍ୟନ୍ତ ଏମାନେ ରାଜନୈତିକ ଶକ୍ତିରେ ପରିଣତ ନହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଏମାନଙ୍କ ସଂଗ୍ରାମ ଅଧୁରା ହୋଇ ରହିବ। ତାଙ୍କ ଉଚ୍ଚାରିତ ଏ ବାଣୀ ସମସ୍ତ ଆନ୍ଦୋଳନ ପ୍ରତି ପ୍ରଯୁଜ୍ୟ। ଲକ୍ଷ୍ୟ ହାସଲ ପାଇଁ ନିଜକୁ କ୍ଷମତାର ଆସନରେ ବସିବାକୁ ପଡିବ ଅଥବା ରାଜନୈତିକ ଚାପ ମାଧ୍ୟମରେ ନିଜ କଥାକୁ ମନାଇବାକୁ ହେବ।

ତାଙ୍କ ମତରେ ରାଜନୀତି କେବଳ ଦେଶ ଶାସନର ବ୍ୟବସ୍ଥା ନୁହେଁ। ଏହା ସମାଜକୁ ଓ ସାମାଜିକ ମାନସିକତାକୁ ପରିବର୍ତ୍ତନ କରିବାର ମାଧ୍ୟମ ମଧ୍ୟ। ସମାଜର ଦୋଷ ଦୁର୍ବଳତାକୁ ହଟାଇ ସାମାଜିକ ଜୀବନକୁ ସରସସୁନ୍ଦର ଓ ନ୍ୟାୟପୂର୍ଣ୍ଣ ସହାବସ୍ଥାନକୁ ସୁନିଶ୍ଚିତ କରିଥାଏ। ବଞ୍ଚିତ ଓ ଶୋଷିତ ବର୍ଗକୁ ସୁରକ୍ଷା ପ୍ରଦାନ କରେ। ସମାଜର ଅନଗ୍ରସର ବର୍ଗକୁ ଅଗ୍ରସର ବର୍ଗ ସହିତ ସମକକ୍ଷ କରିବାକୁ ଯୋଜନା ପ୍ରସ୍ତୁତ କରେ। ଆଧୁନିକତାର ସହିତ ତାଳ ଦେଇ ବିଜ୍ଞାନର ଅନୁସରଣରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇବାକୁ ଚେଷ୍ଟା କରେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନଭାବେ ଶାସନରେ ଭାଗୀଦାରୀ କରାଏ। ସମସ୍ତଙ୍କୁ ସମାନ ସମ୍ମାନର ଅଧିକାରୀ କରାଏ। ତେଣୁ ରାଜନୀତି ହେଉଛି ଏପରି ଚାବିକାଠି ଯାହା ମାଧ୍ୟମରେ ସାମାଜିକ ବ୍ୟବସ୍ଥାରେ ଲାଗିଥିବା ଏପରି ତାଲାଗୁଡିକୁ ଖୋଲା ଯାଇପାରେ।

ଯେକୌଣସି ପ୍ରକାରର ରାଜନୀତି ସମସ୍ତ ପ୍ରକାରର କୁବନ୍ଧନକୁ ହଟାଇ ପାରିବ ନାହିଁ। ଅର୍ଥାତ୍ ଯେକୌଣସି ପ୍ରକାରର ରାଜନୀତି ସମସ୍ତ ତାଲାର ମୂଳ ଚାବିକାଠି ହୋଇପାରିବ ନାହିଁ। କେବଳ ପ୍ରତିକ୍ରିୟାଶୀଳ ରାଜନୀତି ମୂଳ ଚାବିକାଠି ହୋଇପାରିବ। ଏହିପ୍ରକାର ରାଜନୀତି ହିଁ ସମସ୍ତ ପ୍ରତିବନ୍ଧକକୁ ହଟାଇ ସମାଜକୁ ଆଗକୁ ନେଇପାରିବ। ଯେଉଁମାନେ ସାମାଜିକ ବିଭେଦରେ ବିଶ୍ୱାସୀ, ହିଂସା-ଦ୍ୱେଷର ବଶବର୍ତ୍ତୀ, ମଧ୍ୟଯୁଗୀୟ ଅନଗ୍ରସର ବିଚାରଧାରା ଦ୍ୱାରା ପରିଚାଳିତ, ଜାତି ଓ ଧାର୍ମିକ ଉନ୍ମାଦନା ସୃଷ୍ଟି କରି ସେଥିରୁ ଫାଇଦା ନେବାପାଇଁ ଆଗ୍ରହୀ, ସେପରି ଗୋଷ୍ଠୀ ହାତରେ ରାଜନୀତି ରୂପକ ଚାବିକାଠି ପଡିଲେ ସେମାନେ ତାଲା ଉପରେ ଆହୁରି ବଡ ତାଲା ପକାଇ ଦେବେ। ଏପ୍ରକାର ରାଜନୀତି ଦ୍ୱାରା କୌଣସି ପରିବର୍ତ୍ତନ ଆସିବ ନାହିଁ। ବରଂ ଏମାନେ ପରିବର୍ତ୍ତନର ମାର୍ଗକୁ ଆହୁରି ସଙ୍କୁଚିତ କରିଦେବେ। ତେଣୁ ବାବାସାହେବଙ୍କ ଉକ୍ତି ସେହିମାନଙ୍କ ପ୍ରତି ପ୍ରଯୁଜ୍ୟ ଯେଉଁମାନେ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳତାର ରାଜନୀତି କରନ୍ତି। ପରିବର୍ତ୍ତନ ପାଇଁ ରାଜନୀତି କରନ୍ତି।

ବାବାସାହେବ ନିଜେ ରାଜନୀତିର ଗୁରୁତ୍ୱକୁ ବୁଝି ଏକ ରାଜନୈତିକ ଦଳ ୧୯୩୬ ମସିହାର ଗଠନ କରିଥିଲେ ଯାହା ଇଣ୍ଡିପେଣ୍ଡେଣ୍ଟ ଲେବର ପାର୍ଟି ବା ସ୍ୱାଧୀନ ଶ୍ରମିକ ଦଳ ଭାବରେ ପରିଚିତ ଥିଲା। ଏହି ଦଳ ୧୯୩୭ ମସିହାର ପ୍ରୋଭିନସିଆଲ୍ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ପରେ ସେ ୧୯୫୬ ମସିହାରେ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ ଗଠନ କରିଥିଲେ। ନିଶ୍ଚିତରୂପେ ତାଙ୍କ ରାଜନୈତିକ ଦଳ ବିଶେଷ ସଫଳତା ପାଇପାରି ନଥିଲା। ସେ ନିଜେ ସାଧାରଣ ଓ ପ୍ରତ୍ୟକ୍ଷ ନିର୍ବାଚନରେ ହାରିଯାଇଥିଲେ। ଏହା ସତ୍ତ୍ୱେ ତାଙ୍କ ରାଜନୈତିକ ଦିଗଦର୍ଶନ ସ୍ପଷ୍ଟ ଥିଲା। ରାଜନୈତିକ କ୍ଷମତା ଦଖଲ ବିନା ସାମାଜିକ ପରିବର୍ତ୍ତନ ଆନ୍ଦୋଳନ ଆଦୌ ସଫଳ ହେବ ନାହିଁ ବୋଲି ସେ ବାରମ୍ବାର ସୂଚାଇଦେଇ ଯାଇଛନ୍ତି। ଯାହା ତାଙ୍କ ଅନୁଗାମୀମାନେ ଏଯାଏଁ ବୁଝିପାରି ନାହାଁନ୍ତି। ଆଉ କେତେକେ ବୁଝି ବି ଅବୁଝା।

ଭାରତୀୟ ସମାଜରେ ଥିବା ବର୍ଣ୍ଣବାଦ୍ ଓ ଏହାକୁ ନେଇ ଗଢ଼ିଉଠିଥିବା ଜାତିବାଦକୁ ନେଇ ସେ କ୍ଷୁବ୍ଧ ଥିଲେ। ଏହା ସମାଜିକ ତାଡନା ଓ ଅସମାନତାର ମୂଳକାରଣ ବୋଲି ତାଙ୍କର ଧାରଣା ଥିଲା। ଏହା ସହିତ ସମାଜରେ ପରିବ୍ୟାପ୍ତ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ସାଙ୍ଗକୁ ଧାର୍ମିକ ମୌଳବାଦ ପାଇଁ ସେ ଚିନ୍ତିତ ଥିଲେ। ଏ ସମସ୍ତ ନାକାରାତ୍ମକ ବିଷୟଗୁଡ଼ିକୁ ହଟାଇ ଉପଯୁକ୍ତ ଯୋଜନା ମାଧ୍ୟମରେ ଏକ ସମତାଭିତ୍ତିକ ତର୍କସମ୍ମତ ସମାଜ ଗଠନର ସେ ପକ୍ଷଧର ଥିଲେ। ଏଥିପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ସେ ଭଲଭାବେ ଜାଣିଥିଲେ ଯେତେଯାଏଁ ତାଙ୍କ ପକ୍ଷଧର ଏକ ବିପ୍ଳବୀ ଗୋଷ୍ଠୀ ରାଜନୈତିକ କ୍ଷମତାକୁ ନିଜ ନିୟନ୍ତ୍ରଣକୁ ନନେଇଛି ସେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ଅସମ୍ଭବ। ତେଣୁ ସେ ତାଙ୍କ ସାମାଜିକ ଆନ୍ଦୋଳନକୁ ରାଜନୈତିକ ଆନ୍ଦୋଳନରେ ରୂପାନ୍ତରିତ କରିବାକୁ ଚେଷ୍ଟା କରିଥିଲେ ଓ ନିଜ ଅନୁଗାମୀଙ୍କୁ ଏଦିଗରେ ପ୍ରେରିତ କରିଥିଲେ। ଆନ୍ଦୋଳନର ଏହାହିଁ ଅନ୍ତିମ ସୋପାନ।

ସ୍ୱାଧୀନତାର ଦୀର୍ଘବର୍ଷ ପରେବି ତାଙ୍କ ଉକ୍ତିର ଆବଶ୍ୟକତା ରହିଛି। ଦେଶରେ ନୂତନ ଢଙ୍ଗରେ ଜାତିବାଦ ଓ ଧାର୍ମିକ ମୌଳବାଦ କାୟା ବିସ୍ତାର କରୁଛି। ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂର୍ବବତ୍ ପରିବ୍ୟାପ୍ତ ରହିଛି। ଏପରି ସ୍ଥିତିରେ ଏକ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳ ଆନ୍ଦୋଳନର ଆବଶ୍ୟକତା ରହିଛି। ଯାହା ରାଜନୀତିକୁ ପରିବର୍ତ୍ତନର ମାଧ୍ୟମ ରୂପେ ଗ୍ରହଣ କରିବ। ପରିବର୍ତ୍ତନ ପାଇଁ କ୍ଷମତାର ଉପଯୋଗ କରିବ। ଦେଶର ରାଜନୈତିକ ବ୍ୟବସ୍ଥା ଏ ଉକ୍ତିର ଆବଶ୍ୟକତାକୁ ବୁଝନ୍ତୁ ଓ ସେହି ଦିଗରେ ନିଜକୁ ପରିଚାଳିତ କରନ୍ତୁ। ସେମାନେ ବୁଝନ୍ତୁ ରାଜନୀତି ହେଉଛି ସମସ୍ତ ପରିବର୍ତ୍ତନର ମୂଳ ଆଧାର, ଅର୍ଥାତ ସମସ୍ତ ତାଲାର ମୂଳ ଚାବିକାଠି।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଡିସେମ୍ବର ୨୦୨୫ ସୋମବାର





## ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ଆସନ୍ତା ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ । ଏହା ବରଗଡ କୋର୍ଟ ସମେତ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର କୋର୍ଟ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଏହି ଲୋକ ଅଦାଲତରେ ଅସହାୟ ଗରିବ ଲୋକଙ୍କ ମୋକଦ୍ଦମାର ନ୍ୟାୟ ବିନା ମୂଲ୍ୟରେ ପ୍ରଦାନ କରାଯିବ । ଅଧିକରୁ ଅଧିକ ଲୋକ ସେମାନଙ୍କର ମୋକଦ୍ଦମାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜିକରଣ କରାଇ ଏହାର ସୁବିଧା ନେବାକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଅନୁରୋଧ କରିଛନ୍ତି । ସେଦିନ ସକାଳ ୧୦ ଘଟିକାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ବରଗଡ ଜିଲ୍ଲାର ବିଭିନ୍ନ କୋର୍ଟ ପରିସରରେ ଆରମ୍ଭ ହେବ । ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ଚାକିରି ସମ୍ବନ୍ଧୀୟ, ଅବସରକାଳୀନ ପ୍ରାପ୍ୟ ମାମଲା ଓ ରାଜସ୍ୱ ମାମଲାର ଆପୋସ ସହମତିରେ ସମାଧାନ କରାଯିବ ।

## ଅବକାରୀ ଚଢ଼ଉ: ୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ପାତ୍ରପୁଟ ଓ ଖୋଟାଳାଗୁଡାରେ ଚଢଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପାତ୍ରପୁଟର ଘାସି ଗୋଲରି ଓ ଖୋଟାଳାଗୁଡାର ତ୍ରିନାଥ ବାଗରିଆ । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ୨ଟି ସ୍ଥାନରେ ଚଢଉ କରି ୨୮ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶରି ହିରଣ ସୂଚନା ଦେଇଛନ୍ତି ।

## ନଦୀ ପଠାରୁ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଡୁଡାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଛି । ମହିଳା ନିଖୋଜ ନେଇ କୋରୁକୋଣ୍ଡା ଥାନାରେ ଏତଲା ଦାୟର ହୋଇଥିଲା । ସକାଳେ ମହିଳାଙ୍କ ମୁଣ୍ଡ ବିହୀନ ଶବକୁ ପରିବାର ଲୋକେ ଚିହ୍ନଟ କରି କୋରୁକୋଣ୍ଡା ପୋଲିସକୁ ସୂଚନା ଦେଇଥିଲେ । ଘଟଣା ଅନୁଯାୟୀ କୋରୁକୋଣ୍ଡା ଥାନା ଅଞ୍ଚଳର ରାଖାଲଗୁଡା ଗ୍ରାମର ସ୍ୱର୍ଗତ ମୁକ୍କା ପଡିଆମିଙ୍କ ପତ୍ନୀ ଲାକେ ପଡିଆମି (୫୦) ନିଖୋଜ ଥିଲେ । ପରିବାର ଲୋକେ ନିଖୋଜ ଥିବା ନେଇ କୋରୁକୋଣ୍ଡା ଥାନାରେ ଏତଲା ଦାୟର କରିଥିଲେ । ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବା ବେଳେ ସକାଳୁ କାଲିମେଲା ବ୍ଲକର ଡୁଡାମେଟଲା ନଦୀରେ ମହିଳାଙ୍କ ମୁଣ୍ଡ ବିହୀନ ଶବ ପଡିଥିବା ଜାଣିବା ପରେ ପରିବାର ଲୋକେ ସେଠାକୁ ଯାଇ ଦେଖିଲା ବେଳକୁ ମହିଳା ଜଣକ ଲାକେ ପଡିଆମି ବୋଲି କହିଥିଲେ । ଖବରପାଇ କୋରୁକୋଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପରିବାର ଲୋକେ ମହିଳାଙ୍କ ମୁଣ୍ଡ କାଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି । ତେବେ କିଏ ଓ କାହିଁକି ଲାକେ ପଡିଆମିଙ୍କୁ ହତ୍ୟା କରିଛି ତାକୁ ନେଇ ପରିବାର ଲୋକେ ଏବେ ଚିନ୍ତାରେ ପଡିଛନ୍ତି । ପୋଲିସ ମଧ୍ୟ ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ହୋଇଥାଇପାରେ ବୋଲି କହିଛି । ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ହିମାଂଶୁ ବାରିକ ପ୍ରକାଶ କରିଛନ୍ତି ।

## ପୋଖରୀ ପାଣିରେ ବିଷ: ମାଛ ଜାଆଁଳା ମରି ଭାସିଲେ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

କେହି ଦୁର୍ବୃତ୍ତ ପୋଖରୀ ପାଣିରେ ବିଷ ପ୍ରୟୋଗ କରିଦେଇଥିବାରୁ ମାଛ ଜାଆଁଳା ସବୁ ମରି ଭାସୁଥିବା ଦେଖିବାକୁ ମିଳିଛି । ଘଟଣାଟି ଘଟିଛି ବିନିକା ବ୍ଲକ ଅନ୍ତର୍ଗତ ଶିଂହିଯୁବା ପଞ୍ଚାୟତ ଖଇରମାଲ ଗ୍ରାମ ପୋଖରୀରେ । ଥାନାରେ ଦିଆଯାଇଥିବା ଲିଖିତ ଅଭିଯୋଗ ଅନୁସାରେ ଗ୍ରାମର ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ ଠିକାରେ ଆଣି ଷଷ୍ଟି ପାତ୍ର, କୁନା ପାତ୍ର, ତରୁଣ ପାତ୍ର ଓ ଦେବାଶିଷ ପାତ୍ର ଚାରି ଜଣ ଯାକ ମିଶି ଟଙ୍କା ଖର୍ଚ୍ଚାନ୍ତ କରି ପୋଖରୀରେ ମାଛ ଜାଆଁଳା ଛାଡ଼ିଥିଲେ । ହେଲେ କେହି ଜଣେ ଦୁର୍ବୃତ୍ତ ଅହଙ୍କାର ମନୋଭାବ ପୋଷଣ କରି ବୋଧେ ପାଣିରେ ବିଷ ପ୍ରୟୋଗ କରି ଦେଇଥିବାରୁ ମାଛ ଜାଆଁଳା ଗୁଡିକ ମରି ଭାସୁଛନ୍ତି । ଏହି ଘଟଣା ଦେଖିବା ପରେ ଷଷ୍ଟି ପାତ୍ର ବିନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି । ତେବେ ଦୁର୍ବୃତ୍ତଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ଜଙ୍ଗଲର ରାଜା ହାତୀଙ୍କ ସୁରକ୍ଷା କାର୍ଯ୍ୟକ୍ରମ ପ୍ରକୃତିର ସୁରକ୍ଷା, ମଣିଷ ସମାଜର ସୁରକ୍ଷା



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଘୁନୁସର ପଞ୍ଚାୟତ ପୁଟୁକେଲଚୁଆଁ ଠାରେ ଘୁନୁସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତରଫରୁ ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା । ଶିବିରରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ମୁଖ୍ୟବକ୍ତା ରୂପେ ଏସି ଏଫ୍ ତଥା ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ରେଙ୍ଗାଲି ବନପାଳ ବିପିନ ସାହୁ, ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନା, ତେଲେନପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ଦାଶ, ଟେକେନ୍ଦ୍ର ଜାଲ, ବିଦ୍ୟାଳୟ ସଭାପତି ବିକାଶ ଦାଶ ପ୍ରମୁଖ ମଞ୍ଚାସିନ ହୋଇ ପ୍ରକୃତିର ସୁରକ୍ଷା ମଣିଷ ସମାଜର ସୁରକ୍ଷା ବୋଲି କହିଥିଲେ । ଜଙ୍ଗଲ ଅବକ୍ଷୟ ଯୋଗୁ ବନ୍ୟ ଜନ୍ତୁ ଜନବସତି ମୁହାଁ ହେଉଥିବା କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଷମ କଟକ ଟାଉନ୍ ରାସ୍ତାରେ ପାର୍କିଂ ସମସ୍ୟା ଉତ୍କଟ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ବିନିଯୋଗ କରାଯାଉ, ସାମୁହିକ କଲ୍ୟାଣ ଦିଗରେ ଯେଉଁ ପ୍ରକଳ୍ପ/ ଯୋଜନା ନିମନ୍ତେ ଅର୍ଥ ଖର୍ଚ୍ଚ କରାଯାଉଛି, ସେହି ପ୍ରକଳ୍ପ/ଯୋଜନା ଲୋକଙ୍କ ହିତ ପାଇଁ କାମରେ ଆସିବ ନା ନାହିଁ, ସେ ନେଇ ଲୋକ ପ୍ରତିନିଧି, ସାଧାରଣ ଜନତା, ସାମାଜିକ ଅନୁଷ୍ଠାନ, ସଂଗଠନ, ସଂଲଗ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ବିକାଶ ମୂଳକ କାର୍ଯ୍ୟ ହାତ ନିଆଯାଉ ବୋଲି ଦାବି ସହ, ବିଷମକଟକ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ସୋମନାଥ ହିମିରିକାଙ୍କ ନେତୃତ୍ୱରେ ସ୍ଥାନୀୟ ବିଜେପି କର୍ମୀ, ଜିଲ୍ଲା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିଥିଲେ । ପ୍ରକାଶଥାଉକି ଗତ ୧୮ ମାସ ମଧ୍ୟରେ ବିଷମକଟକ ପୂର୍ତ୍ତ ବିଭାଗ ଅଧୀନରେ ଅନେକ ଗୁଡିଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ତେବେ ବିଷମକଟକ ପୂର୍ତ୍ତ ବିଭାଗ ଜଣେ ଅଧିକାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ଗୋଷ୍ଠୀ ପାଇଁ କାମ କରୁଥିବା ଅଭିଯୋଗ ହୋଇଛି ଓ ଯାହାକୁ ଭାଜପା ମଣ୍ଡଳ ସଭାପତି ସୋମନାଥ ହିମିରିକା କଡା ସମାଲୋଚନା କରିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଷମକଟକ ଟାଉନ୍ ରାସ୍ତାଟି ସବୁ ସମୟରେ ଜନବହୁଳ ଓ ରାସ୍ତାର ଉଭୟ ପାର୍ଶ୍ୱରେ ସବୁ ସମୟରେ ପାର୍କିଂ ପାଇଁ ସମସ୍ୟା ଲାଗିରହୁଛି । ଯେଉଁଥିପାଇଁ ରାସ୍ତାର ମଧ୍ୟ ଭାଗରେ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ ସେହି ପାର୍କିଂ ସ୍ଥଳରେ ଡିଭାଇଡ଼ର ନିର୍ମାଣ କରାଯାଉଛି, ଯାହାଫଳରେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ପାର୍କିଂ ସମସ୍ୟା ଦେଖାଦେଇଛି । ଏଥିସହ ସଂକୁଚିତ ରାସ୍ତା ହୋଇଥିବାରୁ ସବୁ ସମୟରେ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜିଥାଏ । ତେବେ ଏହି ଡିଭାଇଡର ପ୍ରକଳ୍ପ ପ୍ରସ୍ତାବ ବିଷୟରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇନଥିବା ଅଭିଯୋଗ ହେଉଛି । ବିଷମକଟକ ନେତାଜୀ ଛକ ନିକଟରେ ଟିଣ ଦୋକାନ କରି ଉଠା ଦୋକାନୀଙ୍କୁ ଦିଆଯିବ ବୋଲି ଗତ ଦିନରେ ରାସ୍ତା କଡ଼ରେ ଥିବା ଦୋକାନ ଗୁଡିକର ମାପ ନିଆଯାଉଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ଉଠା ଦୋକାନୀ ମଧ୍ୟ ଦ୍ୱନ୍ଦ୍ୱରେ ଥିବା କୁହାଯାଉଥିବା ବେଳେ, ପୂର୍ତ୍ତ ବିଭାଗ କେବେଠୁ ଟିଣ ଦୋକାନ ପ୍ରକଳ୍ପ ସବୁ ଅନୁମୋଦନ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲୋକଙ୍କ ଟଙ୍କା ଖର୍ଚ୍ଚ କରିବାରୁ କ୍ଷାନ୍ତ ରହିବାକୁ ବିଷମକଟକ ମଣ୍ଡଳ ସଭାପତି ସୋମନାଥ ହିମିରିକା ଦାବି କରିଛନ୍ତି । ହେଲେ ପୂର୍ବରୁ ସୂଚନା ପାଇ ଯନ୍ତ୍ରୀ ପ୍ରଶାନ୍ତ ସେଠି କୁଆଡେ କ୍ଷେତ୍ର ପରିଦର୍ଶନକୁ ଯାଇଥିବା କୁହାଯାଉଛି । ଏଥିସହ ଭାଜପା ନେତୃତ୍ୱମଣ୍ଡଳୀ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ବିଷମକଟକ, ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ସାକ୍ଷାତ କରି ଏକ ପତ୍ର ଜରିଆରେ ବିଷମକଟକ ଠାରେ ହେଉଥିବା କିଛି ଗୁରତ୍ୱପୂର୍ଣ୍ଣ ବିଷୟ ପ୍ରତି ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ । ତେବେ ନେତାଜୀ ଛକ ଠାରେ ଡ୍ରେନ୍ ନିମନ୍ତେ ଟେଣ୍ଡର ଆହ୍ୱାନ୍ କରାଯିବା ପାଇଁ ମାପ ଚୁପ ଚାଲିଥିଲା ବୋଲି ଯନ୍ତ୍ରୀ ନିଜ ପ୍ରତକ୍ରିୟା ରଖିଛନ୍ତି । ଏହି ଅବସରରେ ବରିଷ୍ଠ ଭାଜପା ନେତା ବାଦଲ ରଣା, ଦୁର୍ଯ୍ୟୋଧନ ପାଳ, ସର୍ବେଶ୍ୱର ସୁନା, ରୋହିତ ଦଣ୍ଡସେନା, ବୁଲୁ ଥାପା, ଅନିଲ ସାହୁ, ଶୁଭମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟବସାୟୀ ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସହରର ଜଣେ ବ୍ୟବସାୟୀ ଡି.ସି ରାଜୁଙ୍କୁ ଅପହରଣ କରିଥିବା ମାମଲାରେ ଜୟପୁର ସଦର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ଜଣକ ହେଲା ଜୟନଗର ପାଇକ ସାହି ୪ର୍ଥ ଗଳିର ପ୍ରଶାନ୍ତ ବେହେରା (୨୯) । ଗତ ମାର୍ଚ୍ଚ ମାସ ୨୧ ତାରିଖରେ ଜୟପୁର ସହରର ଜଣେ ବିଶିଷ୍ଟ ବ୍ୟବସାୟୀ ଡି.ସି ରାଜୁ ଟଙ୍କା ଧରି ଘରକୁ ଫେରୁଥିବା ସମୟରେ ରାତ୍ର ୮ଟା ସମୟରେ ବାରିଣିପୁଟ ନିକଟରେ ଦୁର୍ବୃତ୍ତମାନେ ଏକ କାର୍‌ରେ ଆସି ଅପହରଣ କରିନେଇଥିଲେ । ଅପହରଣର ଦୁଇଦିନ ମଧ୍ୟରେ ତାଙ୍କୁ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା । ଏହି ମାମଲାରେ ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତକୁ ରାୟଗଡା ଜିଲ୍ଲା ଗୁଣୁପୁର ଅଞ୍ଚଳର ସିଙ୍ଗୁବାଇ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଭିନ୍ନକ୍ଷମ ମର୍ଯ୍ୟାଦା ଓ ଅନ୍ତର୍ଭୁକ୍ତି ସୁରକ୍ଷା ପାଇଁ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**



ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ସମଗ୍ର ଶିକ୍ଷା କେନ୍ଦୁଝର ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ ହୋଇଯାଇଛି । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମର୍ଯ୍ୟାଦା, ଅନ୍ତର୍ଭୁକ୍ତି ଏବଂ ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସକାଳୁ ୱାକାଥନ୍ ସହିତ ଆରମ୍ଭ ହୋଇ ଜିଲ୍ଲା ଅଡିଟୋରିୟମ୍‌ରେ ଏକ ବୈଠକ, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣରେ ଶେଷ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଏହି ଉତ୍ସବକୁ ଉଦ୍ଘାଟନ କରି କେନ୍ଦୁଝର ଜିଲ୍ଲା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସୁଗମତା, କଲ୍ୟାଣମୂଳକ ପଦକ୍ଷେପ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଆଇଇଡି ସଂଯୋଜକ ପୀତବାସ ସାହୁ ଉପସ୍ଥିତ ରହିଥିଲେ । ସକାଳେ ହୋଇଥିବା ଶୋଭାଯାତ୍ରାରେ ଅଂଶଗ୍ରହଣକାରୀମାନେ ଭିନ୍ନକ୍ଷମଙ୍କ ସମ୍ମାନ, ଉପଲବ୍ଧତା ଏବଂ ସଶକ୍ତିକରଣ ଉପରେ ସଚେତନତା ବାର୍ତ୍ତା ପ୍ରଚାର କରି ସହର ପରିକ୍ରମା କରିଥିଲେ।। ଅଡିଟୋରିୟମ୍‌ରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏବଂ ଭିନ୍ନକ୍ଷମ ପିଲାମାନେ ନୃତ୍ୟ, ସଙ୍ଗୀତ ଏବଂ ସୃଜନଶୀଳ କଳାରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କ ଠାରୁ ପ୍ରଶଂସା ସାଉଁଟିଥିଲେ । ଉତ୍ସବର ଏକ ଅଂଶ ଭାବରେ, ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର, ପ୍ରମାଣପତ୍ର ଏବଂ ପ୍ରଶଂସା ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା, ଯାହା ସେମାନଙ୍କୁ ସେମାନଙ୍କର ପ୍ରତିଭା ଏବଂ ଆତ୍ମବିଶ୍ୱାସକୁ ପୋଷଣ କରିବା ଜାରି ରଖିବାକୁ ଉତ୍ସାହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ ପରିଚାଳନା କରିଥିଲେ ।

## ଓଭରବ୍ରିଜ୍‌ରେ ଲାଗିଲା ରଙ୍ଗୀନ ଲାଇଟ୍‌ର ଓଡ଼ିଆ ସାଇନ୍‌ବୋର୍ଡ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସହରକୁ ପୌରସଂସ୍ଥା ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଲିଖିତ ରଙ୍ଗୀନ ଲାଇଟ୍‌ରେ ସୁସଜ୍ଜିତ ସାଇନ୍‌ବୋର୍ଡ ଲାଗିବା ନେଇ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ଉପରେ ବିଶ୍ୱବିଦ୍ୟାଳୟର ଦୁଇଟି ଭବନକୁ ସଂଯୋଗ କରୁଥିବା ଫୁଟ୍‌ପାଥ୍ ଓଭର୍ ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଓଡ଼ିଆ ଭାଷାରେ 'ଜୟପୁର-ବିଜୟର ସହର' ଓ ଇଂରାଜୀ ଭାଷାରେ 'ଜୟପୁର- ଦ ସିଟି ଅଫ ଭିକ୍ଟରି ' ଲେଖା ସାଇନ୍‌ବୋର୍ଡ ଲଗାଯାଇଛି । ଏହିପରି ରାତିରେ ଏହା ସୁନ୍ଦର ରଙ୍ଗୀନ ଲାଇଟ୍ ଦ୍ୱାରା ଦୃଶ୍ୟମାନ ହେବ । ପ୍ରାୟ ସାଢେ ୨ ଲକ୍ଷ ଟଙ୍କାର ଟେଣ୍ଡର ମାଧ୍ୟମରେ ଏହା ଠିକାସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ସହରର ମୁଖ୍ୟ ତଥା କୁମାର ବିଦ୍ୟାଧର ସିଂ ଦେଓ ଦୈନିକ ବଜାରରେ ପୂର୍ବପଟେ ରହିଥିବା ଦୁଇଟି, ଉତ୍ତର ଏବଂ ପଶ୍ଚିମରେ ଗୋଟିଏ ଲେଖାଏଁ ପାଇଁ ୨ ଲକ୍ଷ ଟଙ୍କାର ଏବଂ ଦକ୍ଷିଣ ଦିଗରେ ରହିଥିବା ମୁଖ୍ୟ ଫାଟକ ନିମନ୍ତେ ୫ ଲକ୍ଷ ଟଙ୍କାର ସୌନ୍ଦର୍ଯ୍ୟ କରଣ କରାଯିବ । ଏଥିନେଇ ଗାଈ ପ୍ରବେଶ ନକରିବା ଫାଟକ ଏବଂ ସାଇନ୍‌ବୋର୍ଡ ଏବଂ ଅନ୍ୟାନ୍ୟ ପ୍ରବେଶ ପଥର ସୌନ୍ଦର୍ଯ୍ୟ କରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଟେଣ୍ଡର ଶେଷ ହୋଇଯାଇଛି । ଅତିଶିଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ପୌର ଯନ୍ତ୍ରୀ ଅଜୟ କୁମାର ଜାନୀ ପ୍ରକାଶ କରିଛନ୍ତି ।

## ସରକାରୀ ଜମି ଜବରଦଖଲ: ଉଚ୍ଛେଦ ଦାବି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବର୍ଷବର୍ଷ ଧରି ବହୁ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ସ୍କୁଲ କଲେଜ ଭଡ଼ାଘରେ ଚାଲୁଥିବା ବେଳେ ଧର୍ମଶାଳା ତହସିଲ ପକ୍ଷରୁ ସେମାନଙ୍କୁ ଜମି ଯୋଗାଇ ଦିଆଯାଉନାହିଁ । ଜାରକା, କୁମାରୀ, ଜାମୁବଣିଆ, ପଣ୍ଡୁଆ, ଜାଲସୁଖା ମୌଜାରେ ଥିବା ଶହ ଶହ ଏକର ଅନାବାଦୀ ସରକାରୀ ଜମିକୁ ବଣ୍ଟନ କରାଯାଉନାହିଁ । ଅନ୍ୟପଟେ ସରକାରୀ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରିଛନ୍ତି । ବହୁ ବଙ୍ଗଳାଦେଶୀ ମଧ୍ୟ ଅଛନ୍ତି । ଧର୍ମଶାଳା ତହସିଲ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ସାମାନ୍ୟ ବିରୋଧ ହେଉନାହିଁ । ରାଜ୍ୟ ସରକାର ଗତବର୍ଷ ଧର୍ମଶାଳାରେ କୋର୍ଟ ଖୋଲିବା ପାଇଁ ନିଷ୍ପତି ନେଇଥିବା ବେଳେ କୋର୍ଟ ଖୋଲିବା ପାଇଁ ଏ ପର୍ଯ୍ୟନ୍ତ କିଛି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଧର୍ମଶାଳା ଅବକାରୀ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ, ପୋଷ୍ଟାଲ୍ ଇନ୍ସପେକ୍ଟର ଅଫିସ, ଜାରକା ପୋଷ୍ଟ ଅଫିସ, ଜାରକା ଷ୍ଟେଟ୍ ବ୍ୟାଙ୍କ ଶାଖା, ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖା, ସମବାୟ ବ୍ୟାଙ୍କ ଶାଖା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅଫିସ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଭଡ଼ା ଘରେ କାର୍ଯ୍ୟ କରୁଛି । ରାଜସ୍ୱମନ୍ତ୍ରୀଙ୍କ ଘୋଷଣା ଥିଲା ଯେ ସମସ୍ତ ସରକାରୀ ଜବରଦଖଲକୁ ଉଚ୍ଛେଦ କରାଯିବ । ସାଧାରଣରେ ଧାରଣା ହେଲା ବହୁଦିନ ପରେ ଜାରକା ସହରାଞ୍ଚଳରେ ଥିବା ମୂଲ୍ୟବାନ ସରକାରୀ ଜମିରୁ ଜବରଦଖଲ ହଟିବ । କିନ୍ତୁ ଜବରଦଖଲ ଉଚ୍ଛେଦ ପାଇଁ ରାଜନୈତିକ ଇଚ୍ଛା ଓ ସରକାରୀ ଆନ୍ତରିକତା ଦେଖାଯାଉନାହିଁ । ଜବରଦାଖଲକାରୀ ଯିଏ ସରକାରକୁ ଆସିଲା ତାଙ୍କ ସ୍ତୁତି ଗାନକଲେ । ରାଜ୍ୟସରକାରଙ୍କ ଏହି ନିଷ୍ପତ୍ତିକୁ ଧର୍ମଶାଳା ତହସିଲ ପକ୍ଷରୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଡ଼ଭୋକେଟ୍ ଜଟାଧାରୀ ପତି ଦାବି କରିଛନ୍ତି ।

## ବୁଲିଲା ବୁଲଡୋଜର ଭାଙ୍ଗିଲା ନିଶା ବେପାରୀଙ୍କ ଘର

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଅପରେସନ୍ ଚକ୍ର ଅଭିଯାନରେ ପୁରୀ ପୋଲିସକୁ ସଫଳତା ମିଳିଛି । ସେପ୍ଟେମ୍ବର ୨୭ ତାରିଖରେ ପୁରୀ ସଦରଥାନା ଅନ୍ତର୍ଗତ ନୀଳଚକ୍ର ନଗରରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ୨ ଶହ ଗ୍ରାମ୍ ବ୍ରାଉନ୍‌ସୁଗାର ପୋଲିସ ଜବତ କରି ସୁକାନ୍ତି ପଣ୍ଡାଙ୍କୁ ଗିରଫ କରିଥିଲେ । ପରେ ତଦନ୍ତ କରିବା ପରେ ଜଣାପଡିଲା ସରକାରୀ ଜାଗା ଉପରେ ସୁକାନ୍ତି ୪ ବଖରା ଘର କରିଥିଲା, ଯାହା ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଥିଲା । ଯାହାଫଳରେ ସ୍ଥାନୀୟ ଯୁବକମାନେ ନିଶାସକ୍ତ ହେବା ସହିତ ଅଞ୍ଚଳରେ ମାରପିଟ୍, ଚୋରି, ଛିନ୍‌ତାଇ ଓ ଲୁଟ୍ ଘଟଣା ବୃଦ୍ଧି ପାଇବାରେ ଲାଗିଥିଲା । ଅଞ୍ଚଳବାସୀ ମଧ୍ୟ ଏଥିରେ ଅତିଷ୍ଠ ହୋଇ ପୋଲିସ ପାଖରେ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୁରୀର ଯୁବ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସଦରଥାନା ଆଇଆଇସି ଓ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତିରେ ବୁଲ୍‌ଡୋଜରରେ ଘରଟିକୁ ସମ୍ପୂର୍ଣ୍ଣ ଭଙ୍ଗା ଯାଇଥିଲା । ଏ ସମ୍ପର୍କରେ ପୁରୀ ଏସ୍‌ପି ଶ୍ରୀ ସିଂ କୁହନ୍ତି, ନିଶା ବେପାରୀଙ୍କୁ ଦୃଢ ହସ୍ତରେ ଦମନ କରାଯିବ । ନିଶା ବେପାରୀ ଛୋଟ ହେଉ ବା ବଡ ହେଉ କାହାରିକୁ ଛଡାଯିବନାହିଁ । ସୁକାନ୍ତିର ଜ୍ୱାଇଁ ମଧ୍ୟ ଏହି କାରବାରରେ ଜଡ଼ିତ ହୋଇ ୧୭ଟି ମାମଲାରେ ଜେଲ୍ ଯାଇଛି । ପରିବାରର ଅନ୍ୟ ଲୋକମାନେ ଏହି କାରବାରରେ ସମ୍ପୃକ୍ତି ରହିଥିଲେ । ପୁରୀ ସହରକୁ ନିଶାମୁକ୍ତ କରିବା ପାଇଁ ଅପରେସନ୍ ଚକ୍ର ବୁଲୁଛି । ଏହି ଘଟଣା ପରେ ନିଶା ବେପାରୀଙ୍କ ମଧ୍ୟରେ ଛନକା ପସିଛି । ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନାର ପୋଲିସ ନିଶା ବେପାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଯୁବ ଏସ୍‌ପିଙ୍କ ଜବରଦସ୍ତ କାର୍ଯ୍ୟକଳାପ ଦେଖି ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି ।

## ଗଞ୍ଜାମ ଜିଲ୍ଲା ଖାଉଟି ସମାଧାନ ଅଦାଲତ ନିର୍ଦ୍ଦେଶନାମାକୁ ଅବମାନନା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖାଉଟି ଅଦାଲତ ଅଭିଯୋଗ କାରି ଭାଗ୍ୟଲତା ସାହୁ, ସୁନିଲ କୁମାର ଦାସ, ୫.ପ୍ରକାଶ ଚନ୍ଦ୍ର ପାତ୍ର ଓ ଭୁବନା ନନ୍ଦ ସାହୁ ଦାଖଲ କରିଥିବା କେସ୍ ନମ୍ବର ୩୧/୨୨, ୩୩/୨୨, ୩୦/୨୨ ଓ ୩୨/୨୨ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘର ଓ ଅର୍ଥ ଫେଠ କରିବା ପାଇଁ ବିଲ୍ଡର୍ସ ରାମପ୍ରସାଦ ଚୌଧୁରୀ ଗୋଶାଣୀ ନୂଆଗାଁ, ବ୍ରହ୍ମପୁରକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଉପରୋକ୍ତ ନିର୍ଦ୍ଦେଶକୁ ଅବମାନନା କରିବା ହେତୁ ଅଭିଯୋଗକାରୀମାନେ ଜିଲ୍ଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ସକାଶେ ଅଭିଯୋଗ ବାଢିଛନ୍ତି । ଅଭିଯୋଗକାରୀ ମାନଙ୍କ ପକ୍ଷରୁ ଅଧିବକ୍ତା କୈଳାଶ ଚନ୍ଦ୍ର ମିଶ୍ର ଅଭିଯୋଗ ଦାଖଲ କରିଛନ୍ତି ।

## ସମ୍ମିଳିତ ଉଦ୍ୟମ ଦ୍ୱାରା 'ନିରାପଦ କାର୍ଯ୍ୟସ୍ଥଳ ଓ ସବୁଜ ଭବିଷ୍ୟତ' ଉଦ୍ୟମ ସଫଳ ହେବ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୨ ତାରିଖରେ ପ୍ରଦୂଷଣ ନିରାକରଣ ପୃଥିବୀ ପାଇଁ ଏକ ବିରାଟ ଆହ୍ୱାନ୍ ବୋଲି ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଅବସରରେ ବିଶିଷ୍ଟ ପରିବେଶ ବିଜ୍ଞାନୀମାନେ ମତପ୍ରକାଶ କରିଛନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆର୍‌ଏସ୍‌ପି ସ୍ଥିତ ସିପିଟିଆଇ ଅଡ଼ିଟୋରିୟମ୍ ଠାରେ ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି ଏସ୍‌ପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ କହିଲେ ଯେ, ଗତ ୧୯୮୪ ମସିହାରେ ଭୋପାଳ ଗ୍ୟାସ୍ ଦୁର୍ଘଟଣା ପରଠାରୁ ଆୟୋଜିତ ହୋଇଆସୁଥିବା ଏହି ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଓ କାର୍ଯ୍ୟ ସ୍ଥଳରେ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ହେବ । ଯାହାଦ୍ୱାରା ଏଭଳି ଘଟଣାର ପୁନରାବୃତ୍ତି ନହେବ । ଆଗାମୀ ଦିନରେ ବିଭିନ୍ନ କଳ କାରଖାନାର କାର୍ଯ୍ୟସ୍ଥଳୀର ପରିବେଶ ଓ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ସହ ନିୟମ ଗୁଡିକୁ ଅନୁପାଳନ କରିବା ପାଇଁ ଡ଼ ମଲ୍ଲିକ ପରାମର୍ଶ ଦେଇଥିଲେ । ସମ୍ମିଳିତ ଉଦ୍ୟମ ଦ୍ୱାରା ହିଁ ନିରାପଦ କାର୍ଯ୍ୟସ୍ଥଳ ଓ ସବୁଜ ଭବିଷ୍ୟତର ପରିକଳ୍ପନା ସଫଳ ହୋଇପାରିବ ବୋଲି ସେ କହିଥିଲେ । ଏସ୍‌ପିସିବି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେବା ସହ ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏଥିରେ ଆର୍‌ଏସ୍‌ପି ମାଇନିଙ୍ଗ ବିଭାଗ ଇଡି ଇଂ. ଏମ୍.ପି ସିଂହ, ଏନ୍‌ଏସ୍‌ପିସିଏଲ୍‌ର ସିଜିଏମ୍ ତଥା ବିୟୁଏଚ୍ କେ. ସତ୍ୟନାରାୟଣ, ଫେକ୍ଟ୍ରି ଓ ବୟେଲର ବିଭାଗ ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିବା ସହ ବକ୍ତବ୍ୟ ରଖିଥିଲେ । ସେମାନେ ଆଲୋଚ୍ୟ ବିଷୟ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ପରିବେଶ ବିଜ୍ଞାନର ବିଭିନ୍ନ ଉପଚାର ଓ ନିୟନ୍ତ୍ରଣ ସମ୍ପର୍କରେ ଉପସ୍ଥିତ କାରଖାନା ପ୍ରତିନିଧି ମାନଙ୍କୁ ସଚେତନ କରାଇଥିଲେ । ଜନସଚେତନତା ସହ ମାନସିକତାର ପରିବର୍ତ୍ତନ ଦ୍ୱାରା କାରଖାନା ଦୁର୍ଘଟଣା ରୋକାଯିବା ସହ ନିର୍ମଳ ପରିବେଶ ସମ୍ଭବ ହୋଇପାରିବ ବୋଲି ମତ ଦେଇଥିଲେ । ଏହି ଅବସରରେ ଆୟୋଜିତ ବୈଷୟିକ ପର୍ଯ୍ୟାୟରେ ଆର୍‌ଏସ୍‌ପିର ପରିବେଶ ଇଞ୍ଜିନିୟରିଙ୍ଗ ବିଭାଗ ଜିଏମ୍ ଇଂ. ପ୍ରମୋଦ ଚନ୍ଦ୍ର ଦାଶ, ଜେଏସ୍‌ଡବ୍ଲୁ ଷ୍ଟିଲ୍ ଲିମିଟେଡ଼୍‌ର ନାରାୟଣପୋଷି ଆଇରନ୍ ଓ ମାଙ୍ଗାନିଜ ମାଇନ୍ସର ସିନିୟର ଜିଏମ୍ ସୁରେଶ ମହାପାତ୍ର, ଡାଲମିଆ ଭାରତ ଲିମିଟେଡ଼୍‌ର ସିନିୟର ଜିଏମ୍ ବିଜୟ କୁମାର ଦାଶ ଓ ଏନ୍‌ଆଇଟି ରାଉରକେଲାର ଡିନ୍ ତଥା ଆଲୁମ୍ନି ଇଣ୍ଟରନ୍ୟାସ୍‌ନାଲ୍ ରିଲେସନ୍‌ସିପ୍ ପ୍ରଫେସର ଏଚ.ବି. ସାହୁ ପ୍ରମୁଖ ସେମାନଙ୍କର ସନ୍ଦର୍ଭ ମାନ ଉପସ୍ଥାପନା କରିଥିଲେ । ନିଜ ନିଜ କାରଖାନା ଓ ଅନୁଷ୍ଠାନରେ ନେଇଥିବା ପରିବେଶ ସମ୍ପର୍କିତ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଆମ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ କାର୍ଯ୍ୟ କରିବା ପାଇଁ ସେମାନେ ଆହ୍ୱାନ କରିଥିଲେ । ଏହି ଅବସରରେ ପୂର୍ବରୁ ୱାଇଏମ୍‌ଏଫ୍‌ଆଇ ତତ୍ତ୍ୱାବଧାନରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡିଇଇ ଇଂ. ରମଣୀ ରଞ୍ଜନ ଦାଶ, ଇଂ. ରଜତ କୁମାର ସେଠୀ, ଡିଇଇ ସି.ଏସ୍. ଚୌହାନ, ଏଇଏସ୍ ପ୍ରଜ୍ଞାଜ୍ୟୋତି ସେନାପତି, ଓଏସ୍‌ଡି ବି. ବି. ମହନ୍ତ, ସ୍ୱେଚ୍ଛାସେବୀ ବିବେକାନନ୍ଦ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଉପପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ ସଭା ସଞ୍ଚାଳନ କରିଥିଲେ । ପ୍ରାରମ୍ଭରେ ଅରବିନ୍ଦ ରାଉରକେଲା ସ୍କୁଲ୍‌ର ଶିକ୍ଷୟତ୍ରୀ ଓ ଛାତ୍ରୀମାନେ ପଞ୍ଚତତ୍ତ୍ୱ ଆଧାରିତ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମିଶନ ଲାଇଫ ଶପଥ ପାଠ କରାଯିବା ସହ କପଡାର ବ୍ୟାଗ ବିତରଣ କରାଯାଇଥିଲା । ଏଥିରେ ବିଭିନ୍ନ କଳକାରଖାନା, ଖଣି, ହସ୍ପିଟାଲ୍, ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ ।





## ସରକାରୀ ନିୟମକୁ ମାନୁନାହାନ୍ତି ଘରୋଇ ବିଦ୍ୟାଳୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଛତୁ ଫୁଟିଲା ଭଳି ଘରୋଇ ବିଦ୍ୟାଳୟ ଗଢ଼ି ଉଠୁଥିବା ବେଳେ ସରକାରଙ୍କର ଗାଇଡ୍ ଲାଇନ୍‌କୁ ମାନୁନଥିବା ଜଣାପଡ଼ିଛି । ଶିକ୍ଷା ବିଭାଗର କିଛି ଅଧିକାରୀଙ୍କୁ ହାତବାରିଶି କରି ମନମୁଖୀ ଭାବେ ଶିକ୍ଷାନୁଷ୍ଠାନ ଚଳାଉଛନ୍ତି । ଏହା କେବଳ ଚିକିଟି ନୁହେଁ ସାରା ଜିଲ୍ଲାରେ ଚାଲିଛି । ଶିକ୍ଷାନୁଷ୍ଠାନ ମାନେ ସରକାରୀ ସ୍ୱୀକୃତି ପାଇବା ପାଇଁ ଥିବା ଗାଇଡ୍ ଲାଇନ୍ କେବଳ କାଗଜ କଲମରେ ଠିକ୍‌ଠାକ୍ ରହିଥିବା ବେଳେ ପ୍ରକୃତ ପକ୍ଷେ ତାର ଚିତ୍ର ସମ୍ପୂର୍ଣ୍ଣ ଅଲଗା । ଘରୋଇ ସ୍କୁଲ ମାନଙ୍କରେ ନିଜସ୍ୱ ଆବଶ୍ୟକୀୟ କୋଠା ଏବଂ ଛାତ୍ରଛାତ୍ରୀ ଅନୁପାତରେ ଶ୍ରେଣୀ ଗୃହ ନଥିବା ବେଳେ ତାଲିମ୍ ପ୍ରାପ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ ରହୁନାହାନ୍ତି । ସେହିପରି ସ୍କୁଲ ମାନଙ୍କରେ ପିଲାଙ୍କ ପାଇଁ ଖେଳ ପଡ଼ିଆ, ଟିଏଲ୍‌ଏମ୍ କର୍ଣ୍ଣର, ସୁରକ୍ଷା ପାଚେରୀ ମଧ୍ୟ ରହୁନି । ସରକାରଙ୍କ ଶିକ୍ଷା ଅଧିକାର ନିୟମାନୁସାରେ ଅଧିକାଂଶ ଶିକ୍ଷାନୁଷ୍ଠାନ ୨୫ ପ୍ରତିଶତ ଆସନ ସଂରକ୍ଷଣ କେବଳ କାଗଜକଲମରେ ଦର୍ଶାଉଥିବା ବେଳେ ଅଭିଭାବକ ମାନଙ୍କୁ ଅଜ୍ଞରେ ରଖି ସେମାନଙ୍କ ଠାରୁ ମୋଟା ଅଙ୍କର ଜଏନିଂ ଫି', ଡୋନେସନ୍ ଓ ମାସିକ ଟ୍ୟୁସନ୍ ଫି ଆଦାୟ କରୁଛନ୍ତି । ସେହିପରି ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଅତି କମ୍‌ରେ ୧୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ସ୍କୁଲରେ କର୍ମଚାରୀଙ୍କ ଭବିଷ୍ୟତ ପାଇଁ କୌଣସି ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ । ସରକାରଙ୍କ ନିୟମ ଅନୁସାରେ ୧୦ରୁ ଅଧିକ କର୍ମଚାରୀ ଏବଂ ଅନୁଷ୍ଠାନରେ କର୍ମଚାରୀଙ୍କ ସୁବିଧା ନିମନ୍ତେ କର୍ମଚାରୀଙ୍କ ବୀମା ଏବଂ ଇପିଏଫ୍ କରିବା ବାଧ୍ୟତା ମୂଳକ । କିନ୍ତୁ କର୍ମଚାରୀଙ୍କ ସୁବିଧା ପାଇଁ ଅଧିକାଂଶ ସ୍କୁଲ କର୍ତ୍ତୃପକ୍ଷ ବ୍ୟବସ୍ଥା କରିନଥିବା ଜଣାପଡ଼ିଛି । ଏ ସମ୍ପର୍କରେ କର୍ମଚାରୀମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇ ମଧ୍ୟ କୌଣସି ସୁଫଳ ପାଇପାରିନାହାନ୍ତି । ସେହିପରି ଘରୋଇ ସ୍କୁଲ ମାନଙ୍କରେ ବିଦ୍ୟାର୍ଥୀମାନଙ୍କୁ ନେବା ଆଣିବାପାଇଁ ବେଆଇନ୍ ଭାବେ ଛୋଟ ୪ ଚକିଆ ଭ୍ୟାନ୍ ବ୍ୟବହାର କରୁଛନ୍ତି । ଏହି ସବୁ ଗାଡ଼ି ସ୍କୁଲ ନାମରେ ନରଖି କିଛି ବ୍ୟକ୍ତି ବିଶେଷଙ୍କ ନାମରେ ରଖୁଛନ୍ତି । ସବୁଠାରୁ ବଡ଼ କଥା ହେଉଛି ବହୁ ସ୍କୁଲ ଭ୍ୟାନ୍ ଗୁଡ଼ିକରେ ନଥାଇ ପିଲାଙ୍କୁ ଧାନ ବସ୍ତା ବୋହିଲା ଭଳି ନେବା ଆଣିବା କରୁଛନ୍ତି । ଏଥିପ୍ରତି ପୋଲିସ କିମ୍ବା ପରିବହନ ବିଭାଗ ଆଦୌ ଦୃଷ୍ଟି ଦେଇନଥିବାରୁ ଏହା କ୍ରମେ ବଢ଼ି ବଢ଼ି ଚାଲିଛି । ଏହା ବ୍ୟତୀତ ଚିକିଟି ବ୍ଲକ୍‌ରେ ପ୍ରାୟ ୨୫ଟି ଘରୋଇ ସ୍କୁଲ ଚାଲିଥିବା ବେଳେ ମାତ୍ର ୧୮ଟି ସ୍କୁଲ ଶିକ୍ଷା ବିଭାଗର ଏନ୍‌ଓସି ପାଇଥିବା କୁହାଯାଉଛି । ସରକାରଙ୍କ ସମସ୍ତ ନିୟମକୁ ନମାନି ହାତ ଗୁଞ୍ଜା ଦେଇ ସ୍କୁଲ ଚଳାଉଥିବା ଅଭିଯୋଗ ହେଉଛି । ମିଳିଥିବା ସୂଚନା ଅନୁସାରେ କେବଳ ସରକାରୀ ସ୍କୁଲର ଶିକ୍ଷକ ଏପରି ସ୍କୁଲ କରି ସରକାରୀ ସ୍କୁଲରୁ ପିଲାଙ୍କୁ ନିଜ ଘରୋଇ ବିଦ୍ୟାଳୟ ମୁହାଁ କରି ମାଲାମାଲ୍ ହେଉଥିବା ଦେଖିବାକୁ ମିଳୁଛି । ରାଜ୍ୟ ଶିକ୍ଷା ବିଭାଗ ଏହି ସବୁ ଘଟଣା ତଦନ୍ତ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଇନ୍‌ଷ୍ଟାଗ୍ରାମରେ ପରସ୍ପରକୁ ଅନ୍‌ଫଲୋ କଲେ ପଲାଶ-ସ୍ମୃତି

**ନୂଆଦିଲ୍ଲୀ**

କ୍ରିକେଟର ସ୍ମୃତି ମନ୍ଧାନା ଏବଂ ମ୍ୟୁଜିକ୍ କମ୍ପୋଜର ପଲାଶ ମୁଛଲଙ୍କ ବିବାହ ଭାଙ୍ଗିଯାଇଛି । ସ୍ମୃତି ଏବଂ ପଲାଶ ସେମାନଙ୍କ ବିବାହକୁ ନେଇ ଚର୍ଚ୍ଚାରେ ଥିଲେ । କିନ୍ତୁ ଏବେ ସ୍ମୃତି ଏକ ପୋଷ୍ଟ ମାଧ୍ୟମରେ ଏହାକୁ ନିଶ୍ଚିତ କରିଛନ୍ତି ।

ସେ ଲେଖିଛନ୍ତି, 'ଗତ କିଛି ସପ୍ତାହ ଧରି ମୋ ଜୀବନକୁ ନେଇ ଅନେକ କଳ୍ପନାଜଳ୍ପନା ଚାଲିଛି । ମୁଁ ଭାବୁଛି ଏହି ସମୟରେ ମୋ ପାଇଁ କହିବା ଗୁରୁତ୍ୱପୂର୍ଣ୍ଣ । ମୁଁ ବହୁତ ବ୍ୟକ୍ତିଗତ ବ୍ୟକ୍ତି ଏବଂ ମୁଁ ମୋ ଜୀବନକୁ ସେହିପରି ରଖିବାକୁ ପସନ୍ଦ କରେ । କିନ୍ତୁ ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ବିବାହ ବାତିଲ ହୋଇଛି ।'

ସେ ଆହୁରି ଲେଖିଛନ୍ତି, 'ମୁଁ ଏହି ବିଷୟକୁ ଏଠାରେ ସ୍ଥଗିତ ରଖିବାକୁ ଚାହୁଁଛି । ମୁଁ ଆପଣ ସମସ୍ତଙ୍କୁ ସେହିପରି କରିବାକୁ ଅନୁରୋଧ କରୁଛି । ମୁଁ ଅନୁରୋଧ କରୁଛି ଯେ ଏହି ସମୟରେ ଉଭୟ ପରିବାରର ଗୋପନୀୟତାକୁ ସମ୍ମାନ ଦିଅନ୍ତୁ । ଆମକୁ ଆଗକୁ ବଢ଼ିବାର ସୁଯୋଗ ଦିଅନ୍ତୁ । ମୁଁ ବିଶ୍ୱାସ କରେ ଯେ ଆମ ସମସ୍ତଙ୍କର ଏକ ମହାନ ଉଦ୍ଦେଶ୍ୟ ଅଛି ଏବଂ ମୋ ପାଇଁ ସର୍ବଦା ସର୍ବୋଚ୍ଚ ସ୍ତରରେ ମୋ ଦେଶକୁ ପ୍ରତିନିଧିତ୍ୱ କରିବା । ମୁଁ ଯେପର୍ଯ୍ୟନ୍ତ ସମ୍ଭବ ଭାରତ ପାଇଁ ଖେଳିବି ଏବଂ ଟ୍ରଫି ଜିତିବି ବୋଲି ଆଶା କରୁଛି ଏବଂ ଏହା ସର୍ବଦା ମୋର ଧ୍ୟାନ ରହିବ ।'

ସେହିପରି ପଲାଶ ମଧ୍ୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ ଲେଖିଛନ୍ତି, 'ମୁଁ ମୋ ଜୀବନ ସହିତ ଆଗକୁ ବଢ଼ିବାକୁ ଏବଂ ମୋର ବ୍ୟକ୍ତିଗତ ସମ୍ପର୍କରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛି । ଲୋକମାନେ ଯେଉଁଭଳି ଭିତ୍ତିହୀନ ଗୁଜବକୁ ନେଇ ମୋତେ ଭୟଭୀତ କରୁଛନ୍ତି, ଯେଉଁଭାବରେ ପ୍ରତିକ୍ରିୟା ଦେଉଛନ୍ତି, ଏହା ମୋତେ କଷ୍ଟ ଦେଉଛି । ଏହା ମୋ ଜୀବନର ସବୁଠାରୁ କଷ୍ଟକର ପର୍ଯ୍ୟାୟ ଥିଲା । ମୁଁ ଏହାକୁ ସୌଜନ୍ୟର ସହିତ ମୁକାବିଲା କରିବି । ମୋ କଥା ଲୋକଙ୍କୁ ଆଘାତ ଦେଇପାରେ । ଯେତେବେଳେ ଆମେ ସେମାନଙ୍କ ବିଷୟରେ ଚିନ୍ତା କରୁଛୁ, ସାରା ବିଶ୍ୱରେ ଅନେକ ଲୋକ ଏହାର ପରିଣାମ ଭୋଗୁଛନ୍ତି । ମୋ ଦଳ ମିଥ୍ୟା ଖବର ଏବଂ ମାନହାନିକାରକ ବିଷୟବସ୍ତୁ ପ୍ରସାରଣ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏହି କଷ୍ଟକର ସମୟରେ ମୋ ସହିତ ଠିଆ ହୋଇଥିବା ଲୋକମାନଙ୍କୁ ଅନେକ ଧନ୍ୟବାଦ ।'



## ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମୁକାବିଲା

# ଭୁବନେଶ୍ୱରରେ ପହଞ୍ଚିଲେ ଉଭୟ ଦଳ

**ଭୁବନେଶ୍ୱର**

ବାରବାଟୀ ମ୍ୟାଚ୍ ପାଇଁ ଭୁବନେଶ୍ୱରରେ ଉଭୟ ଦେଶର ଖେଳାଳି । ଟିମ୍ ଇଣ୍ଡିଆ ସହିତ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ପହଞ୍ଚିଛନ୍ତି । ଖେଳାଳିଙ୍କ ସହିତ ଟିମ୍‌ର ସପୋର୍ଟ ଷ୍ଟାଫ୍ ମଧ୍ୟ ପହଞ୍ଚିଛନ୍ତି । ବିମାନ ବନ୍ଦରରୁ ସେମାନଙ୍କୁ ସିଧା ହୋଟେଲକୁ ନିଆଯାଇଛି । କୋଚ୍ ଗୌତମ ଗମ୍ଭୀର ଓ କ୍ୟାପଟେନ ସୂର୍ଯ୍ୟକୁମାରଙ୍କ ସହିତ ଅନ୍ୟ ଖେଳାଳିମାନେ ମଧ୍ୟ ହୋଟେଲ୍ ଯାଇଛନ୍ତି ।




ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ଏନେଇ ରବିବାର ଉଭୟ ଦଳ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଟିମ୍ ଇଣ୍ଡିଆ ସହିତ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ସେଠାରୁ ମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ବଳୟରେ ହୋଟେଲକୁ ନିଆଯାଇଛି । ହୋଟେଲରେ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଲୋକନୃତ୍ୟରେ ଉଭୟ ଦେଶର ଖେଳାଳିଙ୍କୁ ସ୍ୱାଗତ କରାଯାଇଛି । ଗତକାଲି ହାର୍ଦ୍ଦିକ୍ ପାଣ୍ଡ୍ୟା ଭୁବନେଶ୍ୱରରେ ପହଞ୍ଚିଥିଲେ । ସେହିପରି ଶୁକ୍ରବାର ଦକ୍ଷିଣ ଆଫ୍ରିକା ଦଳର ୫ ଜଣ ଖେଳାଳି ଭୁବନେଶ୍ୱର ପହଞ୍ଚିଥିଲେ । ସେମାନେ ହେଲେ ଟ୍ରିଷ୍ଟନ ଷ୍ଟବ୍ସ, ଡୋନୋଭାନ ଫେରେଇରା, ରେଜା ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ ଓ ଡେଭିଡ୍ ମିଲର ।

ସୋମବାର ଉଭୟ ଟିମର ଖେଳାଳିମାନେ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ । ୯ ତାରିଖ ଅର୍ଥାତ୍ ମଙ୍ଗଳବାର ଦିନ ସନ୍ଧ୍ୟା ୬ଟାରୁ ଦୁଲୁକିବ କଟକ । ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ଟେଷ୍ଟ ପରାଜୟର ବଦଳା ଦିନିକିଆରେ ଟିମ୍ ଇଣ୍ଡିଆ ନେଇ ସାରିଥିବା ବେଳେ ଟି-ଟ୍ୱେଣ୍ଟି ସିରିଜ୍ ଜିତି ଭାରତ ଦଳ ଦକ୍ଷିଣ ଆଫ୍ରିକାକୁ ଚେକ୍ ଦେବା ପ୍ରୟାସରେ ରହିବ । ଅନ୍ୟପଟେ ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ ରହିଥିବାରୁ ଏହି ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ବାରବାଟୀରେ କାକର ଧରିବନି ଘାସ, ତିନିଦିନ ପଡ଼ିବ 'ଆଣ୍ଟି ଡ୍ୟୁ' : ବିଦେଶରୁ ଆସିଛି ସ୍ୱତନ୍ତ୍ର କେମିକାଲ୍

**କଟକ**

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ର ୩ଟି ଯାକ ମ୍ୟାଚ୍‌ରେ ଡ୍ୟୁ ଫ୍ୟାକ୍ଟର ବା କାକାର ପଡ଼ିବା ଯୋଗୁଁ ମ୍ୟାଚ୍‌ରେ ଅନେକ ଗୁଡ଼ିଏ ସମସ୍ୟା ଦେଖା ଦେଇଥିଲା । ବିଶେଷ କରି ଆଉଟ୍ ଫିଲ୍ଡରେ ଅତ୍ୟଧିକ କାକର ପଡ଼ିବା ଯୋଗୁଁ ଦ୍ୱିତୀୟ ପାଳିରେ ଫିଲ୍ଡିଂ ଓ ବୋଲିଂ କରୁଥିବା ଟମ୍‌ର ପ୍ରଦର୍ଶନରେ ପ୍ରଭାବ ପଡ଼ିଥିଲା । ଦୁଇଦିନ ପରେ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମୁକାବିଲା । ମହାନଦୀ କୂଳରେ ରହିଥିବା ବାରବାଟୀ ଷ୍ଟାଡିୟମ୍‌ରେ କାକର ବା ଡ୍ୟୁ ଫ୍ୟାକ୍ଟର ନିଶ୍ଚିତ ଭାବେ ମ୍ୟାଚ୍‌ରେ ପ୍ରଭାବ ପକାଇବା ଆଶଙ୍କା ରହିଛି । ଏଭଳି ଆଶଙ୍କାକୁ ଏଡ଼ାଇବାକୁ ଓଡ଼ିଶା କ୍ରିକେଟ ଆସୋସିଏସନ୍ ତରଫରୁ ବିଦେଶରୁ ସ୍ୱତନ୍ତ୍ର ଆଣ୍ଟି ଡ୍ୟୁ କେମିକାଲ୍ ଅଣାଯାଇଛି ।

ମଙ୍ଗଳବାର ପର୍ଯ୍ୟନ୍ତ ଏହି କେମିକାଲ୍ ବାରବାଟୀ ପଡ଼ିଆର ଆଉଟ୍ ଫିଲ୍ଡରେ ପକାଯିବ ବୋଲି ଓସିଏର ମୁଖ୍ୟ ପିଚ୍ କ୍ୟୁରେଟର୍ ଡ. ଅଞ୍ଜନ କୁମାର ଖୁଣ୍ଟିଆ ପ୍ରକାଶ କରିଛନ୍ତି । ଶ୍ରୀ ଖୁଣ୍ଟିଆଙ୍କ ମତାନୁସାରେ, ଏହି କେମିକାଲ୍ ବିଦେଶରୁ ମଗାଯାଇଛି । ପୁନେର ଜଣେ ଡିଷ୍ଟ୍ରିବ୍ୟୁଟର୍ ଓସିଏକୁ ଯୋଗାଇ ଦେଇଛନ୍ତି । ସାଧାରଣତଃ ଗଲ୍ଫ ଖେଳ ପାଇଁ ରହିଥିବା ପଡ଼ିଆ ଗୁଡ଼ିକରେ ଏହି କେମିକାଲ୍ ବ୍ୟବହାର କରାଯାଏ । ପ୍ରଥମଥର ବାରବାଟୀ ଷ୍ଟାଡିୟମ୍‌ରେ ବିଦେଶର ଏହି ଆଣ୍ଟି ଡ୍ୟୁ କେମିକାଲ୍ ଛିଞ୍ଚନ କରାଯିବ ।



ଏହି କେମିକାଲ୍ ଆଉଟ୍ ଫିଲ୍ଡର ଘାସ ଉପରେ ଲାଗିରହିବ । ଯାହାଫଳରେ କାକର ଗୁଡିକ ଘାସ ଉପରେ ଲାଗି ରହିବନାହିଁ, ପଡିବା ମାତ୍ରେ ତଳକୁ ଖସିଯିବ । ଏହାଛଡ଼ା ମ୍ୟାଚର ବ୍ରେକ୍‌ରେ ସୁପର୍ ସୋପର୍ ବ୍ୟବହାର କରାଯିବ । ଦରି ଓ ରସିରେ ଆଉଟ୍ ଫିଲ୍ଡ ବାରମ୍ବାର ସଫା କରାଯିବ । ଏନେଇ ବାରବାଟୀ ଷ୍ଟାଡିୟମ୍‌ରେ କ୍ୟୁରେଟରମାନଙ୍କ ବାଦ୍ ୮୦ ଜଣ ଫିଲ୍ଡ ଷ୍ଟାଫ୍ ନିୟୋଜିତ ରହିବେ ।

# ବାରବାଟୀରେ ଏକାକୀ ପ୍ରାକ୍ଟିସ କଲେ ହାର୍ଦ୍ଦିକ ପାଣ୍ଡ୍ୟା



ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ କ୍ରିକେଟ୍ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି । ଉଭୟ ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ସାରିଥିବା ବେଳେ ଭାରତୀୟ ଦଳର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ସନ୍ଧ୍ୟାରେ ଏକାକୀ ପ୍ରାକ୍ଟିସ୍ ପାଇଁ ବାରବାଟୀ ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ । ହାର୍ଦ୍ଦିକ ବିନା ଦର୍ଶକରେ ନେଟ୍ ବୋଲରଙ୍କ ସହ ଅଭ୍ୟାସ କରିଥିଲେ । ଅଭ୍ୟାସ ପରେ ସେ ଫଟୋ ଅପଲୋଡ୍ କରି ଏହି ସୂଚନା ଦେଇଛନ୍ତି । ଶନିବାର ରାତିରେ ହାର୍ଦ୍ଦିକ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲକୁ ନିଆଯାଇଥିଲା । ସେ ଏହି ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବେ । ରବିବାର ଅପରାହ୍ଣରେ ଭାରତୀୟ ଏବଂ ଦକ୍ଷିଣ ଆଫ୍ରିକା ଦଳର ଅନ୍ୟ ଖେଳାଳିମାନେ ମଧ୍ୟ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି । ଉଭୟ ଦଳକୁ ହୋଟେଲ୍‌ରେ ଭବ୍ୟ ସ୍ୱାଗତ କରାଯାଇଛି । ସୋମବାର ଦିନ ସାଢ଼େ ୧୧ଟାରେ ଭାରତୀୟ ଦଳର ନେଟ୍ ପ୍ରାକ୍ଟିସ୍ ବାରବାଟୀରେ ଅନୁଷ୍ଠିତ ହେବ । ଦକ୍ଷିଣ ଆଫ୍ରିକା ଟିମ୍ ସୋମବାର ସନ୍ଧ୍ୟାରେ ଫ୍ଲଡ୍ ଲାଇଟ୍ ତଳେ ଅଭ୍ୟାସ କରିବ । ଖେଳାଳିଙ୍କ ଅଭ୍ୟାସ ଦେଖିବା ପାଇଁ ଦୁଇଟି ଗ୍ୟାଲେରୀ ଖୋଲା ରଖାଯିବାର ବ୍ୟବସ୍ଥା କରାଯାଇଛି ।

# ନୀଳଗିରି କ୍ରିକେଟ ଲିଗ୍ ପାଇଁ ୧୦ରେ ଖେଳାଳି ନିଲାମ ପ୍ରକ୍ରିୟା : ୧୭ରୁ ଲିଗ୍ ମ୍ୟାଚ୍ ଆରମ୍ଭ

**ନୀଳଗିରି**

ବାଲେଶ୍ୱର ଜିଲ୍ଲା ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫ ସଂସ୍କରଣ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ଏନେଇ ଏନଏସିଏଲ ପରିବାର ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରଦାନ କରାଯାଇଛି । ଏନସିଏଲର ସଭାପତି ସୁମନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ୧୦ ତାରିଖରେ ଖେଳାଳି




ନିଲାମ ପ୍ରକ୍ରିୟା ଅନୁଷ୍ଠିତ ନୀଳଗିରି ବ୍ରିଟ୍ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ ।

ରେମୁଣା, ନୀଳଗିରି, ବାଲେଶ୍ୱର, ସୋର ନିର୍ବାଚନୀ ମଣ୍ଡଳୀରେ ପାଖାପାଖି ୧୫୦ ଖେଳାଳି ସାମିଲ ହେବେ । ଆସନ୍ତା ୧୭ ତାରିଖରେ ଏହି କ୍ରିକେଟ ଲିଗ୍ କେସି ହାଇସ୍କୁଲ ପଡିଆ ପରିସରରେ ମହାସମାରୋହରେ ଉଦ୍‌ଘାଟନ ହେବା ସହ ୨୮ ତାରିଖରେ ଉଦ୍‌ଯାପନ ହେବ । ୬ଟି ଟିମ୍‌କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଖେଳରେ ଲିଗ୍ ମ୍ୟାଚ୍ ପରସ୍ପର ମଧ୍ୟରେ ଅନୁଷ୍ଠିତ ହେବ । ଚାମ୍ପିଅନ ଟିମ୍‌କୁ ୧ ଲକ୍ଷ ୧୧ ହଜାର ଟଙ୍କା ଓ କପ, ରନର୍ସଅପ ଦଳକୁ ୭୭ ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ । ଏହି ଖେଳକୁ ଅଞ୍ଚଳବାସୀ ମାନେ ସାମିଲ ହୋଇ ମନଭରି ଉପଭୋଗ କରିବାକୁ ଏନସିଏଲ ପରିବାର ନିବେଦନ କରିଛନ୍ତି ।

# ବାରବାଟୀ ମ୍ୟାଚ୍ ପାଇଁ ଗଡ଼ିବ ସ୍ୱତନ୍ତ୍ର ବସ୍

**କଟକ**

ଆସନ୍ତା ୯ ତାରିଖରେ ବାରବାଟୀରେ ହେବ ଦମ୍‌ଦାର ଲଢ଼େଇ । ଭାରତ ସହ ଦକ୍ଷିଣ ଆଫ୍ରିକା ମଇଦାନକୁ ଓହ୍ଲାଇବ । ତେବେ ଏହି ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ହେବ । ତେଣୁ ଏନେଇ ସ୍ୱତନ୍ତ୍ର 'ଆମ ବସ୍' ଚାଲିବ । ସ୍ୱତନ୍ତ୍ର ବିବରଣୀ କ୍ରୁଟ୍ ପକ୍ଷରୁ ଜାରି ହୋଇଛି ।

ମ୍ୟାଚ୍ ଦିନ ବାରବାଟୀ ଷ୍ଟାଡିୟମରୁ ବରମୁଣ୍ଡା, ଭୁବନେଶ୍ୱର ଷ୍ଟେସନକୁ ଏହି ବସ୍ ଚାଲିବ । ମ୍ୟାଚ୍ ସରିବା ପରେ ବାରବାଟୀରୁ ନନ୍ଦନକାନନ ଦେଇ ବରମୁଣ୍ଡା ଯିବ ବସ୍ । ୨୦ ମିନିଟ୍‌ର ବସ୍ ଯାତ୍ରାକୁ ଭଡ଼ା ବାବଦରେ ୪୦ ଟଙ୍କା ଦେବାକୁ ପଡ଼ିବ ବୋଲି ସୂଚନା ଜାରି ହୋଇଛି । ଏହା ବ୍ୟତୀତ 'ଆମ ବସ୍'ର କଟକ ସହ ଜଡ଼ିତ ଅନ୍ୟ ସେବା ମଧ୍ୟ ଚାଲୁରହିବ ।



# ଫିଫା ବିଶ୍ୱକପ୍ ଲାଗି ଡ୍ର' ଉଠାଣ : ଜୁନ ୧୧ରୁ ଆରମ୍ଭ ହେବ ମ୍ୟାଚ୍

**ୱାଶିଂଟନ**

ଆସନ୍ତା ବର୍ଷ ଆମେରିକା, କାନାଡ଼ା ଓ ମେକ୍ସିକୋରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍ ଲାଗି ଡ୍ର' ଉଠାଣ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ବିଶ୍ୱକପ୍‌ରେ କେଉଁ ଦଳ ଗ୍ରୁପ୍ ପର୍ଯ୍ୟାୟରେ କେବେ କାହାକୁ ଭେଟିବ, ତାହା ସ୍ପଷ୍ଟ ହୋଇଛି ।

ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ୪୮ ଦେଶ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ସମେତ ୧୦୪ ମ୍ୟାଚ୍ ଖେଳାଯିବ । କେନେଡି ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ମେକ୍ସିକୋର ରାଷ୍ଟ୍ରପତି କ୍ଲାଉଡିଆ ସେଇବାଉମ ଓ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାରନି ଯୋଗ ଦେଇଥିଲେ ।

୩ ଥରର ଚାମ୍ପିଅନ ଆର୍ଜେଣ୍ଟିନା ଜୁନ ୧୬ ତାରିଖରେ ଆଲଜେରିଆକୁ ଭେଟିବ । ଟାଇଟଲ ଡିଫେଣ୍ଡିଂ ଲକ୍ଷ୍ୟରେ ଥିବା ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଗ୍ରୁପ୍-ଜେ'ର ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଅଷ୍ଟ୍ରିଆ ଓ ଜୋର୍ଡାନକୁ ଭେଟିବ ।

ଟୁର୍ଣ୍ଣାମେଣ୍ଟ ବେଳେ ୩୯ ବର୍ଷରେ ପାଦ ଦେବାକୁ ଯାଉଥିବା ମେସି ଏଥିରେ ଖେଳିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ଆୟୋଜକ ଆମେରିକା ଗ୍ରୁପ୍ ଡି'ରେ ସ୍ଥାନ ପାଇଛି



ଏବଂ ଏହି ଦଳ ଜୁନ ୧୨ ପାରାଗୁଏକୁ ତା'ର ପ୍ରଥମ ମ୍ୟାଚ୍ ଭେଟିବ । ୧୯୬୬ରେ ଏକମାତ୍ର ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଗ୍ରୁପ୍-ଏଲ୍‌ରେ କ୍ରୋଏସିଆ, ଘାନା ଓ ପାନାମା ଭଳି ଦଳ ସହିତ ରହିଛି । ସେହିଭଳି ଗ୍ରୁପ୍ ସି'ରେ ପାଞ୍ଚ ଥରର ଚାମ୍ପିୟନ ବ୍ରାଜିଲ, ମରକୋ, ହାଇତି ଓ ସ୍କଟଲାଣ୍ଡ ସ୍ଥାନ ପାଇଥିବାବେଳେ ଟପ୍ ର୍‍ୟାଙ୍କ ସ୍ପେନ ସହିତ କେପ ଭର୍ଡି, ସାଉଦି ଆରବିଆ, ଉରୁଗୁଏ ଗ୍ରୁପ୍-ଡି'ରେ ସ୍ଥାନ ପାଇଛନ୍ତି ।

# ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷା ଏବଂ କର୍ତ୍ତୃପକ୍ଷ ମହାସଂଘର ବୈଠକ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ କଳା ପରିଷଦ ପରିସରରେ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷା ଏବଂ କର୍ତ୍ତୃପକ୍ଷ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକକୁ ସଭାପତି ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାପାତ୍ର ଓ ସଂଗଠନ ସମ୍ପାଦକ ଲକ୍ଷ୍ମଣ ରାଓ ଆଚାରୀ ବିଶେଷ ଉପସ୍ଥିତ ଥିଲେ । ସଭାପତି ରଘୁନାଥ ସାହୁଉପସଭାପତି ରାଜୁ ପାଢୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାପାତ୍ର, ସାଧାରଣ ସଚିବ ଶ୍ରୀଯୁକ୍ତ ଅମ୍ବରିଶ ମିଶ୍ର, ସଂଗଠନ ସଂପାଦକ ଲକ୍ଷ୍ମଣ ରାଓ ଆଚାରୀ ଉପଦେଷ୍ଟା । ପୂର୍ବତନ ଏମ.ଲ.ଏ ସୀମାଞ୍ଚଳ ବେହେରା, ଉପଦେଷ୍ଟା ଶରତ କୁମାର ପଟ୍ଟନାୟକ, ସଭାପତି କଟକ ରେଞ୍ଜର ଶରତ ଚନ୍ଦ୍ର ସାମନ୍ତ,



ଉପଦେଷ୍ଟା ରଞ୍ଜନ ପୋଲ । ଇସନତ କୁମାର ବେହେରା ରାଜ୍ୟର ବିଭିନ୍ନ ବ୍ଲକ ଓ ଜିଲ୍ଲାରୁ ଆସିଥିବା ସଦସ୍ୟମାନଙ୍କ ଅଂଶଗ୍ରହଣରେ ବୈଠକଟି ଉତ୍ସାହପୂର୍ଣ୍ଣ ପରିବେଶରେ ହୋଇଥିଲା । ବୈଠକର ପ୍ରଧାନ ଆକର୍ଷଣ ରହିଥିଲା- ନୂତନ କାର୍ଯ୍ୟକର୍ତ୍ତା ଚୟନ, ସଂଘର ଭବିଷ୍ୟତ ଯୋଜନା ଓ ନୂତନ ଚିନ୍ତାଧାରା, ଶିକ୍ଷାର ଗୁଣୋନ୍ନତି ପାଇଁ ନୂତନ ପଦକ୍ଷେପ ।

ଏହି ବୈଠକରେ ଘରୋଇ ବିଦ୍ୟାଳୟ ସମ୍ପର୍କୀୟ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ଉଠିଥିଲା । ଆଗାମୀ ଦିନରେ ସଂଘକୁ କିପରି ସୁଦୃଢ଼ କରିବାଯାଇପାରିବ ଓ ଶିକ୍ଷାକ୍ଷେତ୍ରରେ ଅଧିକ ପରିବର୍ତ୍ତନ ଆଣିବା ପାଇଁ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯିବ ସେଥିପାଇଁ ବିସ୍ତୃତ ଚର୍ଚ୍ଚା ହୋଇଥିଲା । ସଂଘ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦିନରେ ଘରୋଇ ବିଦ୍ୟାଳୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଓ ଛାତ୍ରଛାତ୍ରୀଙ୍କ ସୁନ୍ଦର ଶିକ୍ଷା ପରିବେଶ ସୃଷ୍ଟି କରିବା ଏହି ସବୁ ମହାସଙ୍ଘର ମୁଖ୍ୟ ଲକ୍ଷ୍ୟ ରହିବ ।

ପରିଶେଷରେ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଏବଂ କର୍ତ୍ତୃପକ୍ଷ ମହାସଂଘର ନୂତନ ସଭାପତି ରୂପେ ଗୁରୁକୁଳ ଆନ୍ତର୍ଜାତୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଶାନ୍ତ ମହାପାତ୍ର ଦାୟିତ୍ୱ ଭାର ଗ୍ରହଣ କଲେ । ଉପସ୍ଥିତ ଥିବା ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ନୂତନ ଭାବେ ନିଯୁକ୍ତ ସଭାପତି ପ୍ରଶାନ୍ତ ମହାପାତ୍ରଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଅଭିବାଦନ ଜଣାଇଥିଲେ । ଗୁରୁ କୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ବାରଗୋଟି ଶାଖାର ପ୍ରତିଷ୍ଠାତାମାନେ ମହାପାତ୍ରଙ୍କୁ ଅଭିବାଦନ ଜଣାଇଥିଲେ ।

# ଯାଜପୁର ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲଠାରେ ଜିଲ୍ଲାର ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଦେବୀଲାଲ ମଲ୍ଲିକ ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ କର ନିଜ ବକ୍ତବ୍ୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ସମାବେଶୀ ସଂସ୍କୃତି ବିକଶିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ବିଶେଷ କରି ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ସବୁ ଦିଗରୁ ସହଯୋଗ କରିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ



ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିଶ୍ର ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଭିନ୍ନକ୍ଷମ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷାର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ବନ୍ଦନା ଜେନା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ଯୋଗ ଦେଇଥିଲେ । ଜିଲ୍ଲା ସ୍ତରରେ ସେହି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ସେମାନଙ୍କୁ ପୁରସ୍କାର ସ୍ୱରୂପ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମ୍ୟୁନିସିପାଲ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ ।

# ବାରିପଦା ସଞ୍ଚାର ନିଗମ କାର୍ଯ୍ୟାଳୟକୁ ପୂର୍ବପରି ସ୍ୱୟଂ ସମ୍ପୂର୍ଣ୍ଣ କରିବା ଦାବିରେ ଧାରଣା ଓ ପ୍ରତିବାଦ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସଞ୍ଚାର ନିଗମ କାର୍ଯ୍ୟାଳୟକୁ ପୂର୍ବ ପରି ସ୍ୱୟଂ ସମ୍ପୂର୍ଣ୍ଣ କରିବା ଦାବିରେ ଧାରଣା ଓ ପ୍ରତିବାଦ ସଭା ମଧୁବନ ସଂଚାର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ମଧୁବନଠାରେ ଥିବା ସଞ୍ଚାର ନିଗମ କାର୍ଯ୍ୟାଳୟକୁ ଏକ ପ୍ରକାର ସ୍ଥାଣୁ କରିବା ପାଇଁ ଚକ୍ରାନ୍ତ କରି କ୍ଷମତା ଅପସାରଣ କରାଯାଇ ଥିବାରୁ ଦୃଢ଼ ପ୍ରତିବାଦ କରା ଯାଇଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବାରିପଦାର ମଧୁବନ ଠାରେ ଥିବା ସଂଚାର ନିଗମ କର୍ଯ୍ୟାଳୟର ପ୍ରଶାସନିକ କ୍ଷମତା ଠାରୁ ଆରମ୍ଭ କରି ଆର୍ଥିକ କ୍ଷମତାକୁ ବେଆଇନ ଭାବେ ବାଲେଶ୍ୱର ସଞ୍ଚାର ନିଗମ କର୍ଯ୍ୟାଳୟକୁ ହସ୍ତାନ୍ତର କରା ଯାଇଥିବାରୁ ଏହାର ପ୍ରତିବାଦରେ ମଧୁବନ ସ୍ଥିତ ସଞ୍ଚାର ନିଗମ କର୍ଯ୍ୟାଳୟ ସମ୍ମୁଖରେ ବୁଦ୍ଧିଜୀବୀ, ନେତୃମଣ୍ଡଳୀ ଓ ସମବେତ ଜନତା ଏକାଠି ହୋଇ ଧାରଣା ଦେଇ ଥିଲେ ।




ଏଥିରେ ବରିଷ୍ଠ ନାଗରିକ ସମିତି ମୟୂରଭଞ୍ଜ ର ସଭାପତି ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ନାଗରିକ ସମିତି ସଭାପତି ବସନ୍ତ କୁମାର ଦାସ, ରବୀନ୍ଦ୍ର ନାଥ ନାୟକ, ରଘୁନାଥ ପଣ୍ଡା, ସର୍ବେଶ୍ୱର ଭୂୟାଁ, କୁଞ୍ଜବନ ପୃଷ୍ଟି, ଈଶ୍ୱର ଚନ୍ଦ୍ର ଦାସ, ବାରିପଦା ଓକିଲ ସଂଘ ସେକ୍ରେଟାରୀ ବିପ୍ଳବ ବାରିକ,ବଣିକ ସଂଘ ସଂପାଦକ, ସରୋଜ କୁମାର ବୋଷ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜଗବନ୍ଧୁ ମିଶ୍ର, ରବୀନ୍ଦ୍ର କୁମାର ଗୋସ୍ୱାମୀ, ପୂର୍ବତନ କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସ, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ନଗରପାଳ ଜିତେନ୍ଦ୍ର ମହାନ୍ତି, ସୁନିଲ ନାୟକ, ପ୍ରଭାତ ମହାନ୍ତି, କାଉନସିଲର ପ୍ରଶାନ୍ତ ବେହେରା, ବିକ୍ରମ କେଶରୀ ଜେନାଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ସମବେତ ହୋଇ ଦୃଢ଼ ପ୍ରତିବାଦ କରିଥିଲେ ।

ପ୍ରତିବାଦକାରୀ ମାନେ ବାରିପଦା ସଞ୍ଚାର ନିଗମ କର୍ଯ୍ୟାଳୟକୁ ସଂକୁଚିତ କରିବା ଚକ୍ରାନ୍ତର ଦୃଢ଼ ନିନ୍ଦା କରିବା ସହ ସଞ୍ଚାର ନିଗମ କର୍ଯ୍ୟାଳୟର ସ୍ଥିତାବସ୍ଥା ବଜାୟ ରଖି ପୁନଃ ପୂର୍ଣ୍ଣ କ୍ଷମତା ପ୍ରଦାନ କରିବାକୁ ଦୃଢ ଦାବି କରି ଥିଲେ । ବାରିପଦା ସଂଚାର ନିଗମ କର୍ଯ୍ୟାଳୟର କ୍ଷମତାର ରିମୋର୍ଟ କଣ୍ଟ୍ରୋଲ ବାଲେଶ୍ୱର ହାତରେ କାହିଁକି ? ବୋଲି ପ୍ରତିବାଦକାରୀ ମାନେ ପ୍ରଶ୍ନ କରିବା ସହ ଏଭଳି ଚକ୍ରାନ୍ତ ବିରୋଧରେ ଆଗକୁ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ୭ଟି ଏସଟି କୋର୍ଡ, ୪୨ଟି ଟେଲିଫୋନ ଏକ୍ସଚେଞ୍ଜ ଏବଂ ୨୮୫ଟି ବିଟିଏସ ଆଧାରରେ ପ୍ରତିଷ୍ଠିତ ଏହି ସଞ୍ଚାର ନିଗମ କର୍ଯ୍ୟାଳୟର ପ୍ରଶାସନିକ ଓ ଆର୍ଥିକ କ୍ଷମତାକୁ ୨୦୧୪ ମସିହାରୁ ବେଆଇନ ଭାବେ ବାଲେଶ୍ୱର ଜିଲ୍ଲା ସଞ୍ଚାର ନିଗମ କର୍ଯ୍ୟାଳୟକୁ ହସ୍ତାନ୍ତର କରିବା ଯୋଗୁଁ ଏହି କାର୍ଯ୍ୟାଳୟ ଏକ ପ୍ରକାର ଖୋଳପା ସଦୃଶ ହୋଇ ଯାଇଛି । କ୍ଷେତ୍ର ପର୍ଯ୍ୟବେକ୍ଷଣ ଛଡ଼ା ଅନ୍ୟ ସମସ୍ତ ପ୍ରଶାସନିକ କ୍ଷମତା ଅପସାରଣ କରି ନିଆଯାଇଥିବାରୁ ଦୃଢ଼ ପ୍ରତିବାଦ କରାଯାଇଛି । ପୂର୍ବପରି ଏହି କର୍ଯ୍ୟାଳୟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ଦୂର ସଂଚାର ବିଭାଗର ସମସ୍ତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।



# ସରକାରୀ ଜମିଜମା ସମ୍ବନ୍ଧୀୟ ସେବା ପ୍ରଦାନରେ ଆସିବ ଅଧିକ ସଂସ୍କାର: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସରକାରୀ ଜମିଜମା ସମ୍ବନ୍ଧୀୟ ବ୍ୟବସ୍ଥାକୁ କରାଯିବ ଅଧିକ ସହଜ ଓ ସୁବିଧା । ଅନଲାଇନ ମାଧ୍ୟମରେ ସୁବିଧାକୁ ଉପଲବ୍ଧ କରିବା, ଭୂମି ରେକର୍ଡ ଓ ରାଜସ୍ୱ ନଥିଗୁଡିକର ହେବ କମ୍ପ୍ୟୁଟରୀକରଣ । ଗ୍ରାମ ମାନଚିତ୍ରର ଜିଓ ରେଫରେନସିଂ, ଜମି ପଞ୍ଜୀକରଣ ଓ ବିଭିନ୍ନ ସେବାର ଅନଲାଇନ ବିତରଣରେ ହେବ ସୁବିଧା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୁଜାରୀଙ୍କ ଉପସ୍ଥିତିରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟର ପରାମର୍ଶଦାତା ରାଜୀବ ଚାଓ୍ୱଲାଙ୍କ ସହିତ ହୋଇଛି ରାଜ୍ୟ ସରକାରଙ୍କ ବୈଠକ । ଖୁବଶୀଘ୍ର ରାଜସ୍ୱ ଆଇନରେ ଆସିବ ବଡ଼ ସଂସ୍କାର । ରାଜସ୍ୱ ବିଭାଗରେ ବ୍ୟାପକ ସଂସ୍କାର ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । କର୍ଣ୍ଣାଟକ ମଡେଲକୁ ଅନୁଧ୍ୟାନ ଓ ତର୍ଜମା କରୁଛନ୍ତି ସରକାର । ରାଜସ୍ୱ ବିଭାଗ ସଂପର୍କିତ ସମସ୍ତ ତଥ୍ୟକୁ କରାଯିବ ଡିଜିଟାଇଜେସେନ। ଯାହା ଦ୍ୱାରା ଫାଇଲ ହଜିଯିବାର ଅଭିଯୋଗରେ ମଧ୍ୟ ଲାଗିବ ରୋକ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୁଜାରୀ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଉପସ୍ଥିତିରେ ଆଜି ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟର ପରାମର୍ଶଦାତା ରାଜୀବ ଚାଓ୍ୱଲାଙ୍କ ସହିତ ହୋଇଛି ବୈଠକ । ରାଜୀବ କର୍ଣ୍ଣାଟକର ଭୂମି ରେକର୍ଡ ଆଧୁନିକୀକରଣ ଏବଂ ରାଜସ୍ୱ ଓ କୃଷି ବିଭାଗ ଦ୍ୱାରା ମିଳିତ ଭାବରେ ଚାଲିଥିବା ଆଗ୍ରୋଷ୍ଟାକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନିଜର ଅଭିଜ୍ଞତା ଏବଂ ଭଲ କାର୍ଯ୍ୟଗୁଡିକ ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଛନ୍ତି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ନେଇ ସମୀକ୍ଷା ବୈଠକ କରାଯାଇଛି । ରାଜସ୍ୱ ଆଇନକୁ ସରଳିକରଣ କରିବା ଲାଗି ଆଲୋଚନା ହୋଇଛି । ବସୁନ୍ଧରା ଯୋଜନା ନେଇ ବି ଆଲୋଚନା ହୋଇଛି । ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ରାଜସ୍ୱ ମାମଲା ନେଇ ଚର୍ଚ୍ଚା କରାଯାଇଛି । କର୍ଣ୍ଣାଟକ ରାଜସ୍ୱ ଆଇନ ସଂସ୍କାର ଆଣିବାରେ ମଡେଲ ରାଜ୍ୟ ହୋଇଛି । ଆମେ କର୍ଣ୍ଣାଟକରେ କାମ କରିଥିବା ଜଣେ ଅଧିକାରୀଙ୍କ ସହ ଆଣି ଆଲୋଚନା କରିଛୁ । ରାଜସ୍ୱ ବିଭାଗର ବ୍ୟାପକ ସଂସ୍କାର ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । ସମସ୍ତ ତଥ୍ୟକୁ ଡିଜିଟାଇଲାଇସେନ କରାଯିବ । ଯାହା ଦ୍ୱାରା ଫାଇଲ ହଜିଯିବାର ଆସୁଥିବା ଅଭିଯୋଗରେ ମଧ୍ୟ ରୋକ ଲାଗିବ । ଓଡ଼ିଶାବାସୀଙ୍କୁ ସହଜ ଓ ସୁବିଧାରେ ତଥା ସେମାନଙ୍କର ଦ୍ୱାରଦେଶରେ ସରକାରୀ ଓ ଜମିଜମା ସମ୍ବନ୍ଧୀୟ ସେବା ପ୍ରଦାନ କରାଯିବ । ସେବା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଭୂମି ରେକର୍ଡର ଆଧୁନିକୀକରଣ, କାଡାଷ୍ଟ୍ରାଲ ମାନଚିତ୍ରର ଅଦ୍ୟତନ କରାଯିବା । ଜିଓ-ରେଫରେନସିଂ ତଥା ସମସ୍ତ ରାଜସ୍ୱ ରେକର୍ଡର ଡିଜିଟାଇଜେସନ ଓ ଅନଲାଇନ ସେବା ପ୍ରଦାନକୁ ଅଧିକ ସୁବ୍ୟବସ୍ଥିତ ହେବ । ଏଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଓ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି ।' ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ବିଭାଗରେ ଚାଲିଥିବା ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ପଟ୍ଟାର ୨ୟ ଖଣ୍ଡ ସଂଶୋଧନ, ଅନ୍ୟାନ୍ୟ ସଂସ୍କାରମୂଳକ ପଦକ୍ଷେପ ଓ ଓଡ଼ିଶାରେ ଭୂମି ରେକର୍ଡର କମ୍ପ୍ୟୁଟରୀକରଣ, ପଞ୍ଜୀକରଣ ସେବା ଏବଂ ଅନଲାଇନ ସେବା ପ୍ରଦାନ ବିଷୟରେ ଆଲୋକପାତ କରିଛନ୍ତି । ଏଥି ସହିତ ଏବେ ଆରମ୍ଭ ହୋଇଥିବା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ଏବଂ ଭୂମି ରେକର୍ଡ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ୀକରଣ କରିବା ଯୋଜନା ବିଷୟରେ ସେ ମତ ଉପସ୍ଥାପନ କରିଛନ୍ତି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବ ଡଃ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ସୁଭମ ସକ୍ସେନା, ଭୂମି ରେକର୍ଡ ଏବଂ ସର୍ବେକ୍ଷଣ ନିର୍ଦ୍ଦେଶକ, ଭାରତୀୟ ସର୍ବେକ୍ଷଣ ନିର୍ଦ୍ଦେଶକ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏବଂ ଓଡିଶା ରାଜ୍ୟ ଅନ୍ତରୀକ୍ଷ ପ୍ରୟୋଗ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସଶସ୍ତ୍ର ସେନା ପତାକା ଦିବସରେ ଦେଶର ବୀର ଯବାନଙ୍କୁ ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସଶସ୍ତ୍ର ସେନା ପତାକା ଦିବସରେ ଦେଶର ବୀର ଯବାନଙ୍କୁ ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଶସ୍ତ୍ର ସେନା ପତାକା ଦିବସରେ, ଆମେ ଆମ ଯବାନ, ପୂର୍ବତନ ସେନା ଓ ସେମାନଙ୍କ ପରିବାରର ଅଟଳ ସାହସ, ତ୍ୟାଗ ଓ ସେବାକୁ ଗମ୍ଭୀରଭାବେ ସମ୍ମାନ ଜଣାଉଛୁ। ତାଙ୍କର ଅବିଚଳିତ ସମର୍ପଣ ଆମ ଜାତିର ସୁରକ୍ଷା ଓ ସାର୍ବଭୌମତ୍ୱକୁ ସୁନିଶ୍ଚିତ କରେ। ତାଙ୍କର ଅଭୁତ କର୍ତ୍ତବ୍ୟନିଷ୍ଠା ପାଇଁ ଆମେ ଗଭୀର କୃତଜ୍ଞ। ଜୟ ହିନ୍ଦ। ସେହିପରି ସଶସ୍ତ୍ର ସେନା ପତାକା ଦିବସରେ ଦେଶର ବୀର ଯବାନଙ୍କୁ ଶୁଭକାମନା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ସମସ୍ତ ଶହୀଦ, ପୂର୍ବତନ ଯବାନ, ଏବଂ ୟୁନିଫର୍ମ ପିନ୍ଧିଥିବା ସାହସୀ ଯବାନମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ସଶସ୍ତ୍ର ସେନା ପତାକା ଦିବସ ଅବସରରେ ସଲାମ। ଆମେ ସେହି ସାହସୀ ହୃଦୟମାନଙ୍କୁ ସ୍ମରଣ କରୁଛୁ, ଯେଉଁମାନଙ୍କର ସାହସ, ନିର୍ଲୋଭ ବଳିଦାନ ଏବଂ ସମର୍ପଣ ଭାରତର ତିରଙ୍ଗାକୁ ସର୍ବଦା ଉଚ୍ଚରେ ଉଡାଇଥାଏ। ଦେଶ ଆମ ସ୍ୱାଧୀନତା ଏବଂ ଗୌରବର କ୍ଷଣ ଏହି ଶୌର୍ଯ୍ୟବାନ୍ ନାୟକମାନଙ୍କୁ ଶ୍ରଦ୍ଧାର ସହ ନମନ କରୁଛି।

# ଅଟିଜିମ୍ ଥେରାପି ସେଣ୍ଟରର ବାର୍ଷିକ ଦିବସ ସମାରୋହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲ୍ ସ୍କୋୟାର ନିକଟସ୍ଥ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର ଅଡିଟୋରିୟମରେ ରବିବାର ଅଟିଜିମ୍ ଥେରାପି ସେଣ୍ଟରର ବାର୍ଷିକ ଦିବସ ସମାରୋହ ଏବଂ ଅଟିଜିମ୍ ସଚେତନତା ଦିବସକୁ ଶ୍ରଦ୍ଧା ଏବଂ ଉଲ୍ଲାସର ସହିତ ପାଳନ କରାଯାଇଥିଲା। ଅନେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ, ଅଟିଷ୍ଟିକ୍ ପିଲାମାନେ, ସେମାନଙ୍କ ପିତାମାତା ଏବଂ ପରିବାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଥିଲେ ସୁଶ୍ରୀ ତଲତ ଆଫ୍ରିନ୍, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସ୍ୱତନ୍ତ୍ର ଅଧିକାରୀ ଏବଂ ମୁଖ୍ୟ ସି ଏ ସାର, ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ୍। ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ଶୁଭ ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏମ୍ଏଏନ୍ ଟ୍ରଷ୍ଟର ଅଧ୍ୟକ୍ଷା ସୁଶ୍ରୀ ସ୍ୱର୍ଣ୍ଣଲତା ମିଶ୍ରଙ୍କ ଦ୍ୱାରା ଉପସ୍ଥାପିତ ବାର୍ଷିକ ରିପୋର୍ଟରେ ଏଟିସି ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକଳାପର ବର୍ଣ୍ଣନା କରାଯାଇଥିଲା। ସେଥିମଧ୍ୟରୁ ପ୍ରମୁଖ ହେଉଛି ବାର୍ଷିକ କ୍ରୀଡା ସମ୍ମିଳନୀ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଉତ୍ସବ ଦିବସ ଏବଂ ଧାର୍ମିକ ଉତ୍ସବ ଦିବସ ପାଳନ, ଏଟିସିକ୍ୟାଲେଣ୍ଡର ପ୍ରସ୍ତୁତି ଇତ୍ୟାଦି। ସମାଜରେ ଅଟିଜିମ୍ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'କ୍ରୀଡା ସମ୍ମିଳନୀ' ଏବଂ 'ସଚେତନତା' କିମ୍ବା 'ଅଟିଷ୍ଟିକ୍ ବ୍ୟକ୍ତିମାନଙ୍କ ପାଇଁ ଗ୍ରହଣୀୟତା ଏବଂ ସଶକ୍ତିକରଣ' ବିଷୟବସ୍ତୁ ଉପରେ ଆୟୋଜିତ ବିତର୍କ ପ୍ରତିଯୋଗିତାର





ବିଜେତାମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ଗୌତମ ପଣ୍ଡା ଙ୍କୁ 'ଏଟିସି ଚାମ୍ପିଅନ୍-୨୦୨୫' ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦିତ୍ୟ ମହାନ୍ତି ଏକ କୀବୋର୍ଡ ବାଦ୍ୟଯନ୍ତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ କରିଥିଲେ, ଜନତା ଏହାକୁ ପୂର୍ଣ୍ଣ ପ୍ରଶଂସା କରିଥିଲେ। ଏହି ସମାରୋହରେ ଏମ୍ଏଏନ୍ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ମଦନ ମୋହନ ପଣ୍ଡା ସଭାପତିତ୍ୱ କରିଥିଲେ ଏବଂ ଏମ୍ଏଏନ୍ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସଂସ୍ଥାର ସଦସ୍ୟ ପ୍ରଫେସର (ଡକ୍ଟର) ରଞ୍ଜନ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ ପରେ ଅଟିଷ୍ଟିକ୍ ପିଲାମାନେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସ୍ନାତକମାନେ ଉଦ୍ୟମିତା ଏବଂ ନବସୃଜନକୁ ଗ୍ରହଣ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ନାତକମାନେ ଉଦ୍ୟମିତା ଓ ନବ ସୃଜନକୁ ଗ୍ରହଣ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଶନିବାର ଦିନ ସେଂଚୁରିଓନ ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇବା ସହ କେବଳ ଚାକିରି ନଖୋଜି ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଉତ୍ସାହିତ କରିଛନ୍ତି। ଉଦ୍ୟମିତା କେବଳ ବ୍ୟବସାୟ ଆରମ୍ଭ କରିବା ବିଷୟରେ ନୁହେଁ, ଏହା ଏକ ମାନସିକତା ଓ ପଦକ୍ଷେପ ନେବା, ସମସ୍ୟା ସମାଧାନ କରିବା, ନିଜର ଚିନ୍ତାଧାରାକୁ ରୂପ ଦେବା ଏବଂ ବାସ୍ତବ ବିଶ୍ୱ ଚ୍ୟାଲେଞ୍ଜରେ ଶିକ୍ଷାକୁ ପ୍ରୟୋଗ କରିବା ହେଉଛି ଏହାର ଉଦ୍ଦେଶ୍ୟ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ ସେଞ୍ଚୁରିଓନ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଶିକ୍ଷା ଏବଂ ବ୍ୟବହାରିକ ଅଭିଜ୍ଞତା ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସର ସହିତ ନବସୃଜନ ପଥ ଅନୁସରଣ କରିବା ପାଇଁ ଏକ ଦୃଢ଼ ମୂଳଦୁଆ ପ୍ରଦାନ କରେ। ଉଦ୍ୟୋଗୀ ହେବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନେ ସରକାରୀ ନିତୀଗୁଡ଼ିକୁ ଜାଣିବା, ବୁଝିବା, ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଜାଣିବା ଏବଂ ସାମାଜିକ ଆବଶ୍ୟକତା ସହିତ ସେମାନଙ୍କର ପଦକ୍ଷେପକୁ ସମନ୍ୱିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସ୍ନାତକମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ଆପଣମାନେ ଏକ ଦ୍ରୁତ ଗତିରେ ବିକଶିତ ହେଉଥିବା ବିଶ୍ୱରେ ପାଦ ଦେଉଛନ୍ତି। ଭାରତର ଅର୍ଥନୀତି ସ୍ଥିର ଭାବରେ ବୃଦ୍ଧି ପାଉଛି, ପ୍ରଯୁକ୍ତିବିଦ୍ୟାର ଉନ୍ନତି ବିଶ୍ୱ ସ୍ତରରେ ପ୍ରଶଂସିତ ହେଉଛି ଏବଂ ଆମ ଦେଶର ଯୁବପିଢ଼ି ଆମର ସର୍ବଶ୍ରେଷ୍ଠ ଶକ୍ତି। ସୁଯୋଗ ଅପାର, କିନ୍ତୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବାଧା ଏବଂ ବିଶ୍ୱ ପରିବର୍ତନ ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ଗ୍ରହଣୀୟତା ଗୁରୁତ୍ୱପୂର୍ଣ୍ଣ ଅଟେ। ସେଂଚୁରିଓନ ବିଶ୍ୱବିଦ୍ୟାଳୟର ଅନନ୍ୟ ସାମର୍ଥ୍ୟ ଉପରେ ଆଲୋକପାତ କରି ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍ତର୍ଭୁକ୍ତି, ଦକ୍ଷତା-ସମ୍ମିଶ୍ରିତ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଇଞ୍ଜିନିୟରିଂ, କୃଷି, ସ୍ୱାସ୍ଥ୍ୟ ବିଜ୍ଞାନ, ସାମୁଦ୍ରିକ ଅଧ୍ୟୟନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ବହୁମୁଖୀ ଆଭିମୁଖ୍ୟକୁ ରାଜ୍ୟପାଳ ଉଲ୍ଲେଖ କରିଥିଲେ, ଯାହା ବ୍ୟବହାରିକ ଶିକ୍ଷା, ଜୀବିକା ସୃଷ୍ଟି ଏବଂ ସାମାଜିକ ପରିବର୍ତନକୁ ପ୍ରୋତ୍ସାହିତ କରିଥାଏ ବୋଲି କହିଥିଲେ। ରାଜ୍ୟପାଳ ସେଞ୍ଚୁରିଓନ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତୀୟ ସହଯୋଗକୁ ମଧ୍ୟ ପ୍ରଶଂସା କରିଥିଲେ। ବିଶେଷକରି ଅଷ୍ଟ୍ରେଲିଆର ପ୍ରତିଷ୍ଠାନଗୁଡ଼ିକ ସହିତ ଗବେଷଣା, ତାଲିମ ଏବଂ ପାରସ୍ପରିକ ସାଂସ୍କୃତିକ ବୁଝାମଣାକୁ ବୃଦ୍ଧି କରିବ। ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ଲକ୍ଷ୍ୟ ହାସଲ ଦିଗରେ ସାଧୁତା, ନମ୍ରତା, କରୁଣା ଏବଂ ନୈତିକତା ଭଳି ମୂଲ୍ୟବୋଧ ସେମାନଙ୍କ କାର୍ଯ୍ୟକୁ ମାର୍ଗଦର୍ଶନ କରିବ ବୋଲି କହିଥିଲେ। ଭାରତରେ ଶିକ୍ଷା କେବଳ ବ୍ୟକ୍ତିଗତ ବିକାଶ ପାଇଁ ନୁହେଁ ବରଂ ସାମୂହିକ ମଙ୍ଗଳ ପାଇଁ। ନବସୃଜନ, ଉନ୍ନତ ଜୀବିକା ଏବଂ ରାଷ୍ଟ୍ର ନିର୍ମାଣରେ ସ୍ନାତକକମାନେ ଯୋଗଦାନ କରିବା ନିମନ୍ତେ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଯେକୌଣସି ପଥ ବାଛନ୍ତୁ ନିଶ୍ଚିତ କରନ୍ତୁ ଯେ ଏହା ଆପଣଙ୍କ ଚାରିପାଖର ଲୋକଙ୍କର ଉନ୍ନତି ଦିଗରେ ସହାୟକ ହେବ ବୋଲି କହିଥିଲେ। ଏତଦବ୍ୟତୀତ ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ଉଦ୍ୟୋଗ ସମ୍ପର୍କିତ ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜାଣିଲେ ସେମାନେ ଏହି ଉଦ୍ୟୋଗ ପାଇଁ ଆଗ୍ରହୀ ହେବେ ବୋଲି ରାଜ୍ୟପାଳ କହିଥିଲେ।ଏହି ସମାରୋହରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଡିଗ୍ରୀ ଏବଂ ପଦକ ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ମହାକାଶ ବିଭାଗର ସଚିବ ଏବଂ ମହାକାଶ ଏବଂ ଇସ୍ରୋର ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ଡାଇରେକ୍ଟର ଜେନେରାଲ ଡ.ବି.କେ.ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସେଞ୍ଚୁରିଓନ ବିଶ୍ୱବିଦ୍ୟାଳୟରର ଭାଇସ-ଚାନସେଲର ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ରିପୋର୍ଟକ ଉପସ୍ଥାପନ କରିଥିଲେ।

# ରାଜନୈତିକ ନେତୃତ୍ୱ ମାନସିକ ଦରିଦ୍ର୍ୟରୁ ମୁକ୍ତ ହେବା ଦରକାର: ଡ. ଅରୁଣ କୁମାର ସାହୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଦେଶ ଓ ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶେଷ, ସଂସ୍ଥା କିମ୍ବା ଦଳ ମାନସିକ ଦାରିଦ୍ର୍ୟରୁ ମୁକ୍ତ ନହେଲେ ନେତୃତ୍ୱ ସମାଜକୁ ସଠିକ୍ ଦିଗଦର୍ଶନ ଦେଇପାରିବ ନାହିଁ। ବର୍ତ୍ତମାନ ସମୟ ମାନସିକ ଦାରିଦ୍ର୍ୟରୁ ମୁକ୍ତ ହେବାର ପ୍ରକୃଷ୍ଟ ସମୟ ବୋଲି ଡକ୍ଟର ଅରୁଣ କୁମାର ସାହୁ କହିଛନ୍ତି । ସ୍ଥାନୀୟ ବୁଦ୍ଧ ମନ୍ଦିରରେ ସାମାଜିକ ନ୍ୟାୟ ସାମ୍ମୁଖ୍ୟ ଅନୁକୂଲ୍ୟରେ ଅନୁଷ୍ଠିତ 'ଆମେ କେଉଁଠି, ଅତୀତ, ବର୍ତମାନ ଓ ଭବିଷ୍ୟତ" ଶୀର୍ଷକ ଆଲୋଚନାରେ ବକ୍ତବ୍ୟ ରଖି ଶ୍ରୀସାହୁ ଏହା କହିଥିଲେ। ନିଜ ବକ୍ତବ୍ୟରେ ଶ୍ରୀସାହୁ ସାମ୍ପ୍ରତିକ ସ୍ଥିତିର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବିଷୟରେ ଏକାଧିକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଡକ୍ଟର ଅରୁଣ ସାହୁ କହିଥିଲେ ଯେ, 'ରାଜନୀତି ଏକ ଉଚ୍ଚ ହୃଦୟବତି। ରାଜନୀତି ସବୁ ନିୟନ୍ତ୍ରଣ କରେ । କେତେକ ଭାବନ୍ତି, ରାଜନୀତିରୁ ସେମାନେ ଦୂରରେ । ହେଲେ ରାଜନୀତି ପରୋକ୍ଷ ଓ ପ୍ରତ୍ୟକ୍ଷରେ ସମାଜର ସବୁ ଜିନିଷ ନିୟନ୍ତ୍ରଣ କରିଥାଏ । ତେଣୁ ଜନଗଣ ଅଜ୍ଞାନତା ହିଁ ଭ୍ରଷ୍ଟ ରାଜନେତାଙ୍କ ଶକ୍ତି ହୋଇଛି । ବ୍ୟବସ୍ଥା ଏପରି ହୋଇଗଲାଣି ଭଲ ଲୋକ ଆଉ ନିର୍ବାଚିତ ହୋଇ ପାରୁନାହାନ୍ତି । ସରକାରୀ ଅଫିସର ଚରିତ୍ର ବଦଳିଗଲାଣି । ଯିଏ ଭୋଟ ଦିଏ ସିଏ ଜାଣିନି, ତା' ଭୋଟର ମୂଲ୍ୟ କେତେ? ଅନୁରୂପ ଭାବେ ଯିଏ ଭୋଟ ପାଉଛି – ସେ ଜାଣୁ ନାହିଁ ଭୋଟର ମୂଲ୍ୟ କ'ଣ ? ରାଜନୈତିକ ନେତୃତ୍ୱ ଆଜି ଆତ୍ମକୈନ୍ଦ୍ରିକ ହୋଇଯାଇଛି ବୋଲି ଶ୍ରୀସାହୁ କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୧୨ କୋଟି ...

ସୂଚନା ଥାଉକି, ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ଓ୍ୱାଚ ଟାଓ୍ୱାର, ମାର୍କେଟ୍ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ୍, ପୋଷାକ କୋଠରୀ, ଜୋତା ଷ୍ଟାଣ୍ଡ, ଟିକେଟ କାଉଣ୍ଟର, ହାତ-ପାଦ ଧୋଇବା ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

ମୁଖ୍ୟମନ୍ତ୍ରୀ ମା' ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଞ୍ଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିବା ସହିତ କେନ୍ଦୁଝର, ଯାହା ପ୍ରାକୃତିକ ସମ୍ପଦର ଗନ୍ତାଘର ଓ ଓଡିଶାର ହୃଦୟ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ ହେବ ।

ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ । ସବୁ ଶିଳ୍ପ ଓ ଖଣି ଅଞ୍ଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛି । କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ। ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ ଜୋନର ବିକାଶ କରାଯାଉଛି। ଏଥିରେ କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। କେନ୍ଦୁଝର ଜିଲ୍ଲାରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି । ସେଗୁଡ଼ିକ ଖୁବ୍ ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୁନାର କେନ୍ଦୁଝର କେବଳ ଏକ କଥା ହୋଇ ରହିବ ନାହିଁ, ଏହା ସାରା ଓଡ଼ିଶା ପାଇଁ ହେବ ଏକ ବାସ୍ତବତା । କେନ୍ଦୁଝର ପାଇଁ ବିକାଶର ଚିତ୍ର ଆଙ୍କି ମୁଖ୍ୟମନ୍ତ୍ରୀ କହିଲେ ଯେ କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଚଣ୍ଡିଖୋଲରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। ଏ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ।

କେନ୍ଦୁଝରର ବିକାଶ ପାଇଁ ବଡ଼ବିଲରେ ଏକ ଚାରି ଲେନ ବିଶିଷ୍ଟ ରିଙ୍ଗ ରୋଡ ହେବ। ଏଥିପାଇଁ ୨୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍ ରାସ୍ତା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହା ସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଣ୍ଟର, ବଳଭଦ୍ରପୁରରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଣ୍ଟର, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟି ଟଙ୍କାରେ ସାନଘାଗରା ଠାରେ ଆରପିଆରସି ଆଦି ଅନେକ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଡିଏମଏଫ ଓ ଓମବାଡସ ଏବଂ ଅନ୍ୟାନ୍ୟ ପାଣ୍ଠି ମିଶାଇଲେ କେବଳ କେନ୍ଦୁଝରରେ ୩୫ ହଜାର କୋଟି ଟଙ୍କା ରହିଛି। ଏହି ସବୁ ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଲେ ଯେ ବିକଶିତ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଆମେ ପ୍ରତିବଦ୍ଧତାର ସହିତ ପ୍ରୟାସ ଆରମ୍ଭ କରିଛୁ। ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆପଣମାନଙ୍କ ସହଯୋଗ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ଠିଆ କରିବାର ଲକ୍ଷ୍ୟ ରଖାଯାଇଛି । ସେଥିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଓଡ଼ିଶା ହେବ ଦେଶର ଗ୍ରୋଥ ଇଞ୍ଜିନ । ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଦେଶ ଓ ରାଜ୍ୟର ଏହି ମହାନ୍ ଲକ୍ଷ୍ୟ ପୂରଣରେ କେନ୍ଦୁଝରର ବିଶେଷ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଘଟଗାଁ ଠାରେ ପହଞ୍ଚିବା ପରେ ଆର୍‌ସି ପ୍ରାଥମିକ ବିଦ୍ୟାଳୟ ଠାରୁ ମା ତାରିଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ରୋଡ ସୋ ଜରିଆରେ ଘଟଗାଁବାସୀ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ । ଘଟଗାଁ ଠାରେ ମା ତାରିଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହିତ ମୁଖ୍ୟମନ୍ତ୍ରୀ ସେହିଠାରେ ହିଁ ଘଟଗାଁ ମା ତାରିଣୀ ପୀଠର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଯାଜପୁର ସାସଂଦ, ରବି ନାରାୟଣ ବେହେରା, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ,ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ନାଇଟ୍ କ୍ଲବ୍‌ରେ...

ତଦନ୍ତ ଜାରି ରଖିଛି। ଏହି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଓ୍ୱନ୍ତ କହିଛନ୍ତି, ଆଜି ଗୋଆ ପାଇଁ ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଦିନ । ଆରପୋରାରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣାରୁ ଉପୁଜିଥିବା ପରିସ୍ଥିତିକୁ ମୁଁ ନିକଟରୁ ସମୀକ୍ଷା କରୁଛି, ଯେଉଁଥିରେ ୨୫ ଜଣ ପ୍ରାଣ ହରାଇଛନ୍ତି ଏବଂ ୬ ଜଣ ଆହତ ହୋଇଛନ୍ତି । ମୁଁ ଗଭୀର ଭାବରେ ଦୁଃଖିତ । ସମସ୍ତ ଶୋକସନ୍ତପ୍ତ ପରିବାରକୁ ମୋର ସମବେଦନା ଜଣାଉଛି । ମୁଁ ଘଟଣାସ୍ଥଳ ପରିଦର୍ଶନ କରିଛି ଏବଂ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି । ତଦନ୍ତରେ ଅଗ୍ନିକାଣ୍ଡର ସଠିକ୍ କାରଣ ଏବଂ ଅଗ୍ନି ସୁରକ୍ଷା ମାନଦଣ୍ଡ ଏବଂ କୋଠା ନିୟମ ପାଳନ କରାଯାଇଥିଲା କି ନାହିଁ ତାହା ଯାଞ୍ଚ କରାଯିବ । ଯେଉଁମାନେ ଦାୟୀ ବୋଲି ପ୍ରମାଣିତ ହେବେ, ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମସ୍ତ ଆହତଙ୍କ ଅବସ୍ଥା ସ୍ଥିର ଅଛି ଏବଂ ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଦିଆଯାଉଛି । ଗୋଆ ଅଗ୍ନିକାଣ୍ଡ ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଏକ୍ସ ପୋଷ୍ଟରେ କହିଛନ୍ତି,' ଉତ୍ତର ଗୋଆ ଜିଲ୍ଲାରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଗଭୀର ମର୍ମାହତ, ଯାହା ଫଳରେ ବହୁ ମୂଲ୍ୟବାନ ଜୀବନ ଯାଇଛି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା । ଏହି କଷ୍ଟକର ସମୟରେ ସେମାନଙ୍କୁ ଶକ୍ତି ମିଳୁ । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି ।' ଏହି ଘଟଣାକୁ ନେଇ ରବିବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଓ୍ୱନ୍ତଙ୍କ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି,'ଗୋଆର ଆରପୋରାରେ ଘଟିଥିବା ଅଗ୍ନିକାଣ୍ଡ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ । ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା। ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ। ପରିସ୍ଥିତି ବିଷୟରେ ଗୋଆର ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାଓ୍ୱନ୍ତଙ୍କ ସହ କଥା ହେଲି । ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି ।

## ଲୋକସଭାରେ ବନ୍ଦେ...

ଆରମ୍ଭ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ଯୁବପିଢ଼ି ଏବଂ ଛାତ୍ରମାନଙ୍କୁ ଗୀତର ଗୁରୁତ୍ୱ ବିଷୟରେ ଅଧିକ ସଚେତନ କରିବା । ଚଳିତ ସଂସଦ ଅଧିବେଶନରେ ସରକାର ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ରଚିତ "ବନ୍ଦେ ମାତରମ୍" ଉପରେ ଏକ ବିତର୍କ କରିବାକୁ ଆଗ୍ରହୀ ଥିଲେ, ଯାହା ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରେରଣାର ଉତ୍ସ ଥିଲା । ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସ ଉପରେ ଅଭିଯୋଗ ଆଣି କହିଥିଲେ ଯେ, କଂଗ୍ରେସ ୧୯୩୭ ମସିହାରେ ଗୀତରୁ ମୁଖ୍ୟ ପଦଗୁଡ଼ିକୁ ହଟାଇ ବିଭାଜନର ମଞ୍ଜି ବୁଣିଥିଲା । ଡିସେମ୍ବର ୧ ତାରିଖରେ ଆରମ୍ଭ ହୋଇଥିବା ଶୀତକାଳୀନ ଅଧିବେଶନର ପ୍ରଥମ ଦୁଇ ଦିନର କାର୍ଯ୍ୟଧାରା ଉପରେ ବିରୋଧୀଙ୍କ ବିରୋଧ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା, ଯାହା ଫଳରେ ବାରମ୍ବାର ଗୃହ ମୁଲତବୀ ହୋଇଥିଲା ।

## ରାୟପୁର-ଭାଇଜାଗ୍ ...

ପୁରୁଣା ଜାତୀୟ ରାଜପଥ-୨୬ ଦେଇ ଯାତ୍ରା ଦୂରତା ୫୯୭ କି.ମି. ଥିବା ବେଳେ, ନୂତନ କରିଡରରେ ଏହା ୪୬୫ କି.ମି.କୁ କମିଯିବ, ଯାହା ଫଳରେ ମୋଟ୍ ୧୩୨ କି.ମି. କମ୍ ଯାତ୍ରା କରିବାକୁ ପଡ଼ିବ। ଏହାଦ୍ୱାରା ଇନ୍ଧନ ସଞ୍ଚୟ ହେବା ସହ ପରିବହନ ଖର୍ଚ୍ଚରେ ବଡ଼ ଧରଣର ହ୍ରାସ ଘଟିବ।

ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା ଅନ୍ତର୍ଗତରେ ନିର୍ମିତ ଏହି କରିଡର ଛତିଶଗଡ଼ ଏବଂ ଓଡ଼ିଶାର ଶିଳ୍ପଗୁଡ଼ିକୁ ସିଧାସଳଖ ବିଶାଖାପାଟଣା ବନ୍ଦର ଏବଂ ଚେନ୍ନାଇ-କୋଲକାତା ଜାତୀୟ ରାଜପଥ ସହିତ ଯୋଡ଼ିବ।

ଏହି ସଂଯୋଗ ବନ୍ଦର ଓ ଶିଳ୍ପ ହବଗୁଡ଼ିକ ସହିତ ଯୋଗାଯୋଗ ବୃଦ୍ଧି କରିବ। ଦ୍ରୁତ ରପ୍ତାନି ଏବଂ ସୁଗମ ଯୋଗାଣ ଶୃଙ୍ଖଳ ସୃଷ୍ଟି ହେବ। ବାଣିଜ୍ୟ କ୍ଷେତ୍ରକୁ ଏକ ଶକ୍ତିଶାଳୀ ପ୍ରୋତ୍ସାହନ ମିଳିବା ଫଳରେ ଲଜିଷ୍ଟିକ୍ସ ଦକ୍ଷତା ବଢ଼ିବ। କରିଡରଟି ଜଙ୍ଗଲ (ଛତିଶଗଡ଼), ଖଣିଜ ସମ୍ପଦ (ଓଡ଼ିଶା) ଏବଂ ପାହାଡ଼ିଆ ଅଞ୍ଚଳ (ଆନ୍ଧ୍ରପ୍ରଦେଶ) ଦେଇ ଅତିକ୍ରମ କରୁଛି। ଏହି ଅର୍ଥନୈତିକ କରିଡର ଦ୍ୱାରା ଓଡ଼ିଶାର ବୋରିଗୁମ୍ମା, ନବରଙ୍ଗପୁର ଓ କୋରାପୁଟ ଭଳି ଆଦିବାସୀ ଓ ଦୂରବର୍ତ୍ତୀ ଜିଲାଗୁଡ଼ିକ ମୁଖ୍ୟ ବଜାର ଏବଂ ଆବଶ୍ୟକ ସେବା ସହିତ ଅଧିକ ପ୍ରଭାବଶାଳୀ ଭାବରେ ସଂଯୁକ୍ତ ହେବେ। ଏହି ଗ୍ରୀନଫିଲ୍ଡ ରାଜପଥ ଯୋଜନା ଆରମ୍ଭ ହେବା ପରେ ଏହାର ଆଖପାଖ ଅଞ୍ଚଳରେ ଜମିର ମୂଲ୍ୟରେ ବହୁଳ ବୃଦ୍ଧି ଘଟିଛି। ଜଣେ ଚାଷୀଙ୍କ କହିବାନୁଯାୟୀ, ଆଗରୁ ଏକର ପିଛା ଜମିର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ଥିଲା, ଯାହା ଏବେ ୧.୫ କୋଟି ଟଙ୍କାରୁ ଅଧିକ ହୋଇଛି। ପ୍ରକଳ୍ପ ଯୋଗୁଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହନ ମିଳିବ।

## ରାଉରକେଲା ଏବଂ ...

ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡା ୭.୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। କେନ୍ଦୁଝର ୯.୬ ଡିଗ୍ରୀ ସେଲସିୟସ, ଭୁବନେଶ୍ୱର ୧୧.୯ଡିଗ୍ରୀ ସେଲସିୟସ, ସମ୍ବଲପୁର ୧୨ ଡିଗ୍ରୀ ସେଲସିୟସ, ହୀରାକୁଦ ୧୩.୨ ଡିଗ୍ରୀ ସେଲସିୟସ, ବାଲେଶ୍ୱର ୧୩.୬ ଡିଗ୍ରୀ ସେଲସିୟସ, ପାରାଦ୍ୱୀପ ୧୩.୯ ଡିଗ୍ରୀ ସେଲସିୟସ, ଚାନ୍ଦବାଲି ୧୪ଡିଗ୍ରୀ ସେଲସିୟସ, ଗୋପାଳପୁର ୧୫.୯ ଡିଗ୍ରୀ ସେଲସିୟସ, ପୁରୀ ୧୬.୬ ଡିଗ୍ରୀ ସେଲସିୟସ ରହିଛି ।

# ଗୋଆ ଅଘଟଣକୁ ନେଇ ଦୁଃଖ ପ୍ରକାଶ କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୋଆ ଅଘଟଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଗୋଆରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡରେ ଏତେ ଅଧିକ ଲୋକଙ୍କ ମୃତ୍ୟୁ ସମ୍ବନ୍ଧିତ ଖବର ଶୁଣି ଗଭୀର ଭାବେ ଦୁଃଖିତ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି, ସେହି ଶୋକାକୁଳ ପରିବାରମାନଙ୍କ ସହିତ ମୋର ସମବେଦନା ଏବଂ ପ୍ରାର୍ଥନା ରହିଛି । ଆହତମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରୁଛି।

# ନନ୍ଦନକାନନରେ ନୌକା ବିହାର ମଜା ନେବେ ପର୍ଯ୍ୟଟକ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନରେ ଏଣିକି ସୁରକ୍ଷିତ ଭାବେ ନୌକା ବିହାରର ମଜା ନେବେ ପର୍ଯ୍ୟଟକ । ଘରୋଇକରଣ ଯୋଗୁ ନୌକା ବିହାର ବନ୍ଦ ରହିଥିଲା । ଏବେ ଏହାକୁ ଚଳାଇବା ଦାୟିତ୍ୱ ନନ୍ଦନକାନନ କର୍ତ୍ତୃପକ୍ଷ ନିଜ ହାତକୁ ନେଇଛନ୍ତି । ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୨ଟି ବୋଟ୍ ଅଣାଯାଇଛି । ସେଥିରେ ୬ଟି ଦୁଇ ଜଣିଆ ଓ ୬ଟି ୪ ଜଣିଆ ବୋଟ୍ ରହିଛି। କାଞ୍ଜିଆ ହ୍ରଦ ସଫେଇ କାର୍ଯ୍ୟ ମଧ୍ୟ ଚାଲିଛି । ତେଣୁ ନନ୍ଦନକାନନ ପ୍ରତିଷ୍ଠା ଦିବସ ପୂର୍ବରୁ ନୌକା ବିହାର ସୁବିଧା ମିଳିବ ବୋଲି ସୂଚନା ମିଳିଛି । ଘରୋଇକରଣ ଯୋଗୁ ସମ୍ପୃକ୍ତ ସଂସ୍ଥା ମନମାନି ଚଳାଇଥିଲା । ବିପଦପୂର୍ଣ୍ଣ ଭାବରେ ପର୍ଯ୍ୟଟକଙ୍କୁ ବିନା ସୁରକ୍ଷା ଜ୍ୟାକେଟ୍‌ରେ ବୁଲାଉଥିଲେ । ଏପରିକି ଛୋଟ ଛୋଟ ପିଲାଙ୍କୁ ନୌକା ବିହାର କରାଉଥିଲେ । ଘରୋଇ କମ୍ପାନିମାନେ ଟଙ୍କା ରୋଜଗାର ପାଇଁ ନିୟମ ମାନୁନଥିଲେ । କିନ୍ତୁ ଏବେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ନୌକା ବିହାର ମଜା ନେଇ ପାରିବେ ।

ଖବର ଓଡ଼ିଶା

ଭୁବନେଶ୍ୱର
୦୮ ଡିସେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ମଙ୍ଗଳବାର କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍‌ରେ ଅଂଶଗ୍ରହଣ ପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ଉଭୟ ଦଳର ଖେଳାଳୀ । (ଫଟୋ : ସମ୍ବାଦ କଳିକା)

# ଯେବେ ବିଶ୍ୱରେ ସ୍ଲୋଡାଉନର କଥା ଉଠେ, ସେତେବେଳେ ଭାରତ ଗ୍ରୋଥ୍‌ର କାହାଣୀ ଲେଖେ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୭/୧୨**

ଯେତେବେଳେ ବିଶ୍ୱରେ ସ୍ଲୋଡାଉନର କଥା ଉଠେ, ସେତେବେଳେ ଭାରତ ଗ୍ରୋଥର କାହାଣୀ ଲେଖି ଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥା କହିଛନ୍ତି ହିନ୍ଦୁସ୍ତାନ ଟାଇମ୍ସ ଲିଡରଶିପ୍ ସମିତି ୨୦୨୫ କାର୍ଯ୍ୟକ୍ରମରେ । ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଆଜି ଦୁନିଆ ଅନିଶ୍ଚିତତାରେ ପରିପୂର୍ଣ୍ଣ କିନ୍ତୁ ଏହି ସମୟରେ ଆମ ଭାରତ ଭିନ୍ନ ଭାବେ ପରିଦୃଶ୍ୟ ହୋଇଛି । ଭାରତ ଆତ୍ମବିଶ୍ୱାସ ଭରା । ଯେବେ ଦୁନିଆରେ ଟ୍ରଷ୍ଟର କ୍ରାଇସିସ୍ ଦେଖାଦିଏ, ସେତେବେଳେ ଭାରତ ଟ୍ରଷ୍ଟର ପିଲର (ସ୍ତମ୍ଭ) ସାଜି ଠିଆ ହୁଏ । ଯେବେ ଦୁନିଆ ଫ୍ରେଗମେଣ୍ଟେସନ ଆଡ଼କୁ ଯାଉଛି, ସେତେବେଳେ ଭାରତ ବ୍ରିଜ୍ ବିଲଡର ହୋଇ ଚାଲିଛି । ଏବେ କିଛି ଦିନ ପୂର୍ବେ ଭାରତରେ କ୍ୱାର୍ଟର-୨ର ଜିଡିପିର ସଂଖ୍ୟା ଆସିଛି । ଆଠ ପ୍ରତିଶତରୁ ଅଧିକ ଗ୍ରୋଥ୍ ହାର ଆମ ପ୍ରଗତିର ନୂଆ ଗତିର ପ୍ରତିବନ୍ଧକ । ଏହା କେବଳ ନମ୍ବର ନୁହେଁ, ଏହା ଷ୍ଟ୍ରଙ୍ଗ୍ ମାଇକ୍ରୋ ଇକୋନମିକ୍ସର ସିଗନାଲ । ଜିଡିପି ସଂଖ୍ୟାକୁ ନେଇ ଶ୍ରୀ ମୋଦି କହିଛନ୍ତି, ଏହି ବାର୍ତ୍ତା ଯେ, ଭାରତ ଆଜି ଗ୍ଲୋବାଲ ଇକୋନମିର ଗ୍ରୋଥ୍ ଡ୍ରାଇଭର ହେବାରେ ଲାଗିଛି ଏବଂ ଏହି ସଂଖ୍ୟା ସେତେବେଳେ ଯେବେ ଗ୍ଲୋବାଲ ଗ୍ରୋଥ୍ ତିନି ପ୍ରତିଶତର ନିକଟତର । ଜି-୭ର ଇକୋନମି ଦେଢ ପ୍ରତିଶତ ପାଖାପାଖି । ଗୋଟେ ସମୟ ଥିଲା ଯେବେ ଆମ ଦେଶରେ ହାଇ ଇନଫ୍ଲେସନକୁ ନେଇ ଚିନ୍ତା କରୁଥିଲେ, ଆଜି ସେମାନେ ହିଁ ଇନଫ୍ଲେସନ ଲୋ ହେବା କଥା କହୁଛନ୍ତି । ଭାରତର ଉପଲବ୍ଧି ଗୁଡ଼ିକ ସାଧାରଣ କଥା ନୁହେଁ । ଏହା ଫଣ୍ଡାମେଣ୍ଟାଲ ଚେଞ୍ଜ୍ ଅଟେ, ଯାହାକି ଗତ ଦଶକରେ ଭାରତ ନେଇ ଆସିଛି । ଏହି ପରିବର୍ତ୍ତନ ଆଶଙ୍କାର ବାଦଲକୁ ହଟେଇ ଆକାଂକ୍ଷାର ବିସ୍ତାର ଏବଂ ଏହି କାରଣରୁ ଭାରତ ନିଜେ ମଧ୍ୟ ଟ୍ରାନ୍ସଫର୍ମ ହେଉଛି ଏବଂ ଆଗାମୀ କାଲିକୁ ମଧ୍ୟ କରୁଛି । ଶ୍ରୀ ମୋଦି ଉଦାହରଣ ଦେଇ କହିଛନ୍ତି ଯେ, ଆମେ ବିଚାରର ସହ କାମ କରୁଛୁ । ଆମର ପୂର୍ବ ଭାରତ, ନର୍ଥଇଷ୍ଟ, ଆମର ଗାଁ, ଟିୟର-୨ ଓ ଟିୟର-୩ ସହର , ନାରୀ ଶକ୍ତି , ୟୁଥ୍ ପାୱର , ସ୍ପେସ୍ ସେକ୍ଟର ଅନେକ କିଛି ଅଛି, ଯାହାର ପୂର୍ଣ୍ଣ ପୋଟେନ୍ସିଆଲର ବ୍ୟବହାର ପ୍ରଥମ ଦଶକରେ ହୋଇ ପାରି ନାହିଁ । ଏବେ ଭାରତ ଏହି ଅନଟାପଡ୍ ପୋଟେନ୍ସିଆଲକୁ ଟ୍ୟାପ୍ କରିବାର ଭିଜନ ସହ ଆଗକୁ ବଢୁଛି । ଆଜି ପୂର୍ବ ଭାରତରେ ଆଧୁନିକ ଇନଫ୍ରାଷ୍ଟ୍ରକଚର, କନେକ୍ଟିଭିଟି ଓ ଇଣ୍ଡଷ୍ଟ୍ରୀ ଉପରେ ଅଭୁତପୂର୍ବ ନିବେଶ ହେଉଛି । ଆମର ଗାଁ, ଛୋଟ ଛୋଟ ସହର ମଧ୍ୟ ଆଧୁନିକ ସୁବିଧା ଯୁକ୍ତ ହେଉଛି । ଛୋଟ ଛୋଟ ସହର ଷ୍ଟାର୍ଟଅପ୍ସ, ଏମଏସଏମଇର କେନ୍ଦ୍ର ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।



# ଡାକ୍ତର ଲକ୍ଷ୍ମୀ ବାଈଙ୍କ ବଦାନ୍ୟତା ସମାଜ ପାଇଁ ପ୍ରେରଣାଦାୟକ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୭।୧୨**
**ନ୍ୟୁଜ ବ୍ୟୁରୋ**

ଡାକ୍ତର କେ. ଲକ୍ଷ୍ମୀ ବାଈଙ୍କ ୧୦୦ତମ ଜନ୍ମଦିନ ଅବସରରେ ତାଙ୍କ ଅସାଧାରଣ ଦାନ ବିଷୟରେ ଜାଣିବାକୁ ପାଇଲି । ଭୁବନେଶ୍ୱର ଏମ୍ସରେ ସ୍ତ୍ରୀ ରୋଗ ଅଙ୍କୋଲୋଜି ପାଠ୍ୟକ୍ରମ ପାଇଁ ତାଙ୍କର ବ୍ୟକ୍ତିଗତ ସମସ୍ତ ସଞ୍ଚୟ ଦାନ କରିବା ଗଭୀର କରୁଣା ଏବଂ ଜନସେବାର ଏକ ପ୍ରେରଣାଦାୟକ କାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି । ମର୍ଯ୍ୟାଦା, ଯତ୍ନ ଏବଂ ମହିଳା ସଶକ୍ତିକରଣର ଜଣେ ପ୍ରକୃତ ବାହକ ଲକ୍ଷ୍ମୀ ବାଈ । ତାଙ୍କର ଦଶନ୍ଧି ଧରି ଉତ୍ସର୍ଗୀକୃତ ଚିକିତ୍ସା ସେବା ପିଢ଼ିକୁ ପ୍ରେରଣା ଦେଇ ଚାଲିଛି । ତାଙ୍କ ପରି ଲୋକମାନେ ଏକ ସୁସ୍ଥ, ଅଧିକ ସଶକ୍ତ ସମାଜ ଗଠନ ପାଇଁ ଆମର ସାମୂହିକ ସଂକଳ୍ପକୁ ଦୃଢ଼ କରନ୍ତି । ଆମ ସରକାର ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ । ତାଙ୍କ ଉଲ୍ଲେଖନୀୟ ଜୀବନ ଏବଂ ମାନବତା ପ୍ରତି ତାଙ୍କ ନିଃସ୍ୱାର୍ଥପର ସମର୍ପଣ ପାଇଁ ଓଡ଼ିଶା ଅତ୍ୟନ୍ତ ଗର୍ବିତ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଏବଂ ଶାନ୍ତି ପ୍ରଦାନ କରନ୍ତୁ ବୋଲି ଏକ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ।

# ବାରବାଟୀରେ ମ୍ୟାଚ୍ ପାଇଁ କମିସନରେଟ ପୋଲିସ ଜାରି କଲା ଟ୍ରାଫିକ୍ କଟକଣା

**କଟକ, ୭/୧୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ମଙ୍ଗଳବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ । ଏଥିପାଇଁ ଉଭୟ ଦଳର ଖେଳାଳିମାନେ ମଧ୍ୟ ପହଞ୍ଚିଲେଣି । ଉଭୟ ଦଳ ପୂର୍ବଦିନ ଅର୍ଥାତ ସୋମବାର ଅଭ୍ୟାସ ମ୍ୟାଚ ଖେଳିବେ । ଏମିତିରେ ଉକ୍ତ ଦିନରେ ଖେଳ ଓ ଖେଳାଳିଙ୍କୁ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମ ଓ ଏହାର ଆଖପାଖରେ ପ୍ରବଳ ଜନ ସମାଗମ ହେବ । ତେଣୁ ଏହି ସମୟରେ ଯେପରି ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ଅଣାୟତ୍ତ ନହେବ ସେଥିପାଇଁ କମିସନରେଟ ପୋଲିସ, ଭୁବନେଶ୍ୱର- କଟକ ଆଡଭାଇଜରୀ କରିଛି । ସେହିଭଳି ମ୍ୟାଚ ଦିନ ଏହି ଦୁଇ ଦିନ ପାଇଁ ସ୍ୱତନ୍ତ୍ର ପାର୍କିଂ କଟକଣା ମଧ୍ୟ ଜାରି କରିଛି । ଏହି କଟକଣା ସୋମବାର ଦିନ ୧୨ଟାରୁ ରାତି ୯ଟା ଏବଂ ମଙ୍ଗଳବାର ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଲାଗୁ ହେବ । ମାତାମଠ ପଟୁ ମହାନଦୀ ରିଂ ରୋଡରେ ଆସଥିବା ସମସ୍ତ ଯାନବାହନଗୁଡ଼ିକ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡ଼ିଗୁଡ଼ିକୁ ପାର୍କିଂ କରିପାରିବେ । କେବଳ ପାସ୍ ଥିବା ଯାନବାହନ ଗୁଡ଼ିକ ବାଦ୍ମୋ ଡିପୋ ଗଡ଼ାର ବାମକୁ ଯାଇ ଉପର ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ । ହାଓ୍ୱଡ଼ା ମୋଟର ଛକ ଏବଂ ମଣିସାହୁ ଛକ ଆଡ଼ୁ ଆସୁଥିବା ଯାନବାହନ ଗୁଡ଼ିକ ଗ୍ରୀନାର ହୋଟେଲ ଛକରୁ ସିଧା ମଧୁସୂଦନ ଛକ ଆଡ଼କୁ ଯାଇପାରିବେ ନାହିଁ । ସେମାନେ ପୁରୁଣା 'ଲ' ହଷ୍ଟେଲ ଛକ ଦେଇ ମହାନଦୀ ରିଂ ରୋଡରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡ଼ିଗୁଡ଼ିକୁ ପାର୍କିଂ କରିପାରିବେ । କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଯାନବାହନ ବିଜୁ ପଟ୍ଟନାୟକ ଛକ କିମ୍ବା ଚଣ୍ଡି ଛକ ଆଡ଼ୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ । ସେମାନେ ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ । କୌଣସି ଯାନବାହନ ଆନନ୍ଦ ଭବନ ଛକରୁ ଭାୟା ଜିଲ୍ଲା ଫୋର୍ଟ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବେ ନାହିଁ । ସେମାନେ କ୍ୟାଣ୍ଟନମେଣ୍ଟ ଥାନା ଛକ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ରଖିପାରିବେ । ସମାଜ ଅଫିସ ଛକ ଆଡ଼ୁ ଆସୁଥିବା ଯାନବାହନ ଗୁଡ଼ିକ ମଧ୍ୟରୁ ପାସ୍ ଥିବା ଯାନବାହନ ବ୍ୟତୀତ ଅନ୍ୟ କୌଣସି ଯାନବାହନ ହନୁମାନ ମନ୍ଦିର ଛକରୁ ସିଧା ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବେ ନାହିଁ । ଓଡ଼ିଶା କ୍ରିକେଟ ଏକାଡେମୀ ପଡ଼ିଆରେ ଗାଡ଼ି ପାର୍କିଂ କରିବା ନିମନ୍ତେ ପାସ୍ ଥିଲେ ସେମାନେ ୱା.ଏମ୍.ସି.ଏ ରାସ୍ତା ଓ ଲାୟନ ଆଇ ହସ୍ପିଟାଲ ଦେଇ ନିଜ ଗାଡ଼ିକୁ ପାର୍କିଂ କରିପାରିବେ । ରିଜର୍ଭ ପୋଲିସ ଲାଇନ ଆଡ଼ୁ ଆସୁଥିବା ଯାନବାହନ ଗୁଡ଼ିକ ଓଡ଼ିଶା ପୋଲିସ ସଂଘ (ଓପା) ଠାରୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ । ପାସ୍ ଥିବା ଯାନ ବ୍ୟତୀତ ମଧୁସୂଦନ ଷ୍ଟାଚ୍ୟୁ ଛକରୁ କୌଣସି ଗାଡ଼ି ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ । କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଗାଡ଼ି ଲାୟନ୍ସ ଆଇ ହସ୍ପିଟାଲ ଛକରୁ କିଲ୍ ଖାନା ରାସ୍ତା ଦେଇ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ । ସେମାନେ ମହାନଦୀ ରିଂ ରୋଡରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିପାରିବେ । କୌଣସି ଭାରିଯାନ ମହାନଦୀ ଓ କାଠଯୋଡ଼ି ରିଂ ରୋଡ ଏବଂ ସହର ମଧ୍ୟରେ ଚଳପ୍ରଚଳ ନିଷେଧ ସକାଳ ୮ ଘଟିକାରୁ ରାତ୍ର ୨ ଘଟିକା ପର୍ଯ୍ୟନ୍ତ । ସୋମବାର ବାରବାଟୀ ଷ୍ଟାଡିୟମରେ ଖେଳାଳିଙ୍କ ଅଭ୍ୟାସ ମ୍ୟାଚ ନିମନ୍ତେ ମହାନଦୀ ରିଂ ରୋଡ ଯଥା ଚହଟା ଛକ ଓ ଶିଖରପୁର ଛକରୁ ବାଦ୍ମୋ ଡିପୋ ପର୍ଯ୍ୟନ୍ତ ଦିବା ୧୨ ଘଟିକାରୁ ରାତ୍ରି ୧୦ ଘଟିକା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ।

# ଏକ ଦଶନ୍ଧି ଧରି ନିଖୋଜ ସୁଦାମ ଶେଷରେ ବାଙ୍ଗଲାଦେଶରୁ ଘରକୁ ଫେରିଲେ



**ଭୁବନେଶ୍ୱର, ୭/୧୨**
**ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ବାସିନ୍ଦା ସୁଦାମ ହେମ୍ବ୍ରମ, ଯିଏ ଏକ ଦଶନ୍ଧି ଧରି ନିଖୋଜ ଥିଲେ ଏବଂ ଗତ ଅକ୍ଟୋବରରେ ବାଂଲାଦେଶରେ ମିଳିଥିଲେ, ଶେଷରେ ରବିବାର ଦିନ ପଶ୍ଚିମବଙ୍ଗର ହରିଦାସପୁର ସୀମା ଦେଇ କୋଲକତାକୁ ଫେରିଛନ୍ତି । ପରେ ତାଙ୍କୁ କୋଲକତା ସ୍ଥିତ ଉତ୍କଳ ଭବନରେ ରଖାଯାଇଛି । ସୋମବାର ସକାଳେ ସେ ଓଡ଼ିଶା ଆସିବେ ବୋଲି ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ପଶ୍ଚିମବଙ୍ଗ ରାଜ୍ୟ ବୋର୍ଡର ସଂଗଠନ ସଚିବ ଉତ୍ପଳ ରଥ ସୂଚନା ଦେଇଛନ୍ତି । ଶ୍ରୀ ରଥ କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ସହ ସମନ୍ୱୟ ପରେ ଢାକାରେ ଥିବା ଭାରତୀୟ ହାଇକମିଶନ ତାଙ୍କର ପ୍ରତ୍ୟାବର୍ତ୍ତନକୁ ନିଶ୍ଚିତ କରିଥିଲେ । ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ଏହି ପଦକ୍ଷେପକୁ ମଞ୍ଜୁରୀ ଦେଇଛି । ବୁଧବାର ଦିନ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ପଠାଯାଇଥିବା ଏକ ଚିଠିରେ ଏ ସମ୍ପର୍କରେ ଜଣାଇଦିଆଯାଇଥିଲା । ଦଶ ବର୍ଷ ପରେ ମୋ କାକା ଘରକୁ ଫେରୁଛନ୍ତି ବୋଲି ଖୁସି ବ୍ୟକ୍ତ କରିଛନ୍ତି ତାଙ୍କ ପୁତୁରା ସୁବାଷ ଚନ୍ଦ୍ର ହେମ୍ବ୍ରମ ଏବଂ ତାଙ୍କ ଶାଳକ ସିନେନ୍ଦୁ କୁମାର ହାଂସଦା । ମୟୂରଭଞ୍ଜର ଜଗନ୍ନାଥପୁର ଗ୍ରାମର ସୁଦାମଙ୍କୁ ଗତ ଅକ୍ଟୋବର ୨୦ ତାରିଖରେ ବାଙ୍ଗଲାଦେଶର ଚାପାଇ ନବାବଗଞ୍ଜର ସାମାଜିକ କର୍ମୀ ମହମ୍ମଦ ଅବଦୁଲ ଗୋନି ଫିତୁଆତ ଗୋଲାବରୀ ରେଳ ଷ୍ଟେସନରେ ପାଇଥିଲେ । ବାଙ୍ଗଲାଦେଶରେ ସୁଦାମଙ୍କ 'ଜୟ ଜଗନ୍ନାଥ' ମନ୍ତ୍ର ଫିତୁଆତଙ୍କୁ ଅନୁଭବ କରାଇଲା ଯେ ସେ ଜଣେ ଭାରତୀୟ । ସେ ଭାରତ ଏବଂ ବାଂଲାଦେଶରେ ଥିବା ହାମ୍ ରେଡିଓ କ୍ଲବ ମାଧ୍ୟମରେ ସୁଦାମଙ୍କ ପରିବାର ସଦସ୍ୟଙ୍କ ସହିତ ଯୋଗାଯୋଗ କରିବାରେ ସଫଳ ହୋଇଥିଲେ ।

# ଛୁଆଁ ହେଲେ ମହାପ୍ରଭୁ ଶ୍ରୀମନ୍ଦିରରେ ହେଲା ମହାସ୍ନାନ

**ପୁରୀ ୦୭/୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ହେଲା ମହାପ୍ରଭୁଙ୍କ ଛୁଆଁ ମହାସ୍ନାନ । ମଇଲମ ନୀତି ବେଳେ କେହି ଜଣେ ଭକ୍ତ ମହାପ୍ରଭୁଙ୍କ ସେବାୟତଙ୍କୁ ଛୁଇଁ ଦେବାକୁ ମହାସ୍ନାନ କରାଯାଇଛି । ତେଣୁ ଶ୍ରୀମନ୍ଦିରରେ ମହାସ୍ନାନ ଚାଲୁଥିବାରୁ ସର୍ବସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା । ଶ୍ରୀଜୀଉଙ୍କ ମହାସ୍ନାନ୍ ସମ୍ପନ୍ନ ହେବା ପରେ ପୁର୍ନବାର ଆରମ୍ଭ ହୋଇଛି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।



# ଆବଶ୍ୟକ ହେଲେ ପୀଡିତାଙ୍କୁ ଏୟାରଲିଫ୍ଟ କରାଯିବ : ମନ୍ତ୍ରୀ



**ସୁନ୍ଦରଗଡ଼, ୭/୧୨**
**ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଲାଞ୍ଜିବେର୍ନା ଅଞ୍ଚଳର କଲେଜ ଛାତ୍ରୀ ଦେହରେ ନିଆଁ ଲଗାଇ ଜୀବନ ହାରିବାକୁ ଚେଷ୍ଟା କରିଛନ୍ତି । ରବିବାର ଆଇଜିଏଚ୍ ମେଡିକାଲ୍ ଯାଇ ପୀଡିତାଙ୍କୁ ଭେଟିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ । ପୀଡିତାଙ୍କ ପରିବାର ସଦସ୍ୟଙ୍କୁ ମଧ ଭେଟିଛନ୍ତି । ଏବଂ କହିଛନ୍ତି ପୀଡିତାଙ୍କ ଅବସ୍ଥା ଗୁରୁତର ରହିଛି , ଆବଶ୍ୟକ ପଡିଲେ ଏୟାର ଲିଫ୍ଟ କରାଯିବ । ଭୁବନେଶ୍ୱର ଏମ୍ସ କିମ୍ବା ଦିଲ୍ଲୀକୁ ଏୟାରଲିଫ୍ଟ କରାଯାଇପାରେ । ସୂଚନା ଅନୁଯାୟୀ ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ସଂପୃକ୍ତ ଛାତ୍ରୀଜଣଙ୍କ ଶନିବାର ଅପରାହ୍ନରେ ସେ କଲେଜରୁ ଘରକୁ ଗଲା ପରେ ଗାଁର ଜଣେ ଯୁବକ ସହ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ବିଳମ୍ବିତ ରାତିରେ ସେ ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ । ଘର ଲୋକେ ତାକୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜଗାଙ୍ଗପୁର ଡାକ୍ତରଖାନା ଓ ପରେ ରାଉରକେଲା ଜେନେରାଲ ହସପିଟାଲକୁ ନେଇଥିଲେ । ଆରକ୍ଷୀ ଅଧୀକ୍ଷକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୁଷ ବନ୍ଧୁ ନୀଳେଶ ବାରମ୍ବାର ପ୍ରେମ ନିବେଦନ କରୁଥିଲା । ବାଳିକା ମନା କରିବାରୁ ତାକୁ ମାନସିକ ନିର୍ଯାତନା ଦେଉଥିଲା । ଏଥିରେ ଅତିଷ୍ଠ ହୋଇ ବାଳିକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲା । ତାଙ୍କ ଦେହର ପ୍ରାୟ ୯୦ ପ୍ରତିଶତ ଜଳି ଯାଇଛି । ପୀଡ଼ିତା ଜଣେ ନାବାଳିକା ଓ ସେ ତା' ପୁରୁଷ ବନ୍ଧୁର ?ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ଜୀବନ ହାରିବାକୁ ଉଦ୍ୟମ କରିଥିବା ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର କହିଛନ୍ତି ।

# ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମ୍ମିଳନୀ : ବୃକ୍ଷରୋପଣ କଲେ ଉପମୁଖ୍ୟମନ୍ତ୍ରୀ



**ପୁରୀ,୦୭/୧୨ ନ୍ୟୁଜ ବ୍ୟୁରୋ**

ପୁରୀରେ ଦୁଇ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀର ଦ୍ୱିତୀୟ ଦିନରେ ପୁରୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରମୁଖ ସଚିବ, ଶକ୍ତି, ପ୍ରତିନିଧିମାନଙ୍କ ଦ୍ୱାରା ବୃକ୍ଷରୋପଣ ଅଭିଯାନ ହୋଇଛି । ଶନିବାର ପୁରୀରେ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମ୍ମିଳନୀକୁ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିରେ ବହୁ ହେବିୱେଟ ସାମିଲ ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ବି ସାମିଲ ହୋଇଥିଲେ । ରାଜ୍ୟର ବିକାଶରେ ଶକ୍ତି ଯୋଗାଣ ଶୃଙ୍ଖଳକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି । ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ ଆମ ରାଜ୍ୟ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) ରାଜ୍ୟ ଭାବେ ଉଭା ହେବ ।

# ୱାରେଣ୍ଟିଙ୍କ ବିରୋଧରେ ପୁଲିସର କଡା ଆଭିମୁଖ୍ୟ : ଆଉ ୬ ପଳାତକ ଘୋଷିତ

**କଟକ,୦୭/୧୧ ନ୍ୟୁଜ ବ୍ୟୁରୋ**

ଜାମିନ୍ ବିହୀନ ଗିରଫ ପରୱାନା ବଳରେ କଟକ ଜିଲ୍ଲା ପୁଲିସ ଆଉ ୬ ଜଣଙ୍କୁ ୱାରେଣ୍ଟ୍ ଆସାମୀଙ୍କୁ ପଳାତକ ଘୋଷଣା କରିଛି । ଫଳରେ ଏଇ ସପ୍ତାହ ମଧ୍ୟରେ ଜିଲ୍ଲା ପୁଲିସ ପଳାତକ ଘୋଷଣା କରିଥିବା ୱାରେଣ୍ଟ୍ ଆସାମୀଙ୍କ ସଂଖ୍ୟା ୩୯ରେ ପହଞ୍ଚିଛି । ଦ୍ୱିତୀୟ ପର୍ଯ୍ୟାୟରେ ପଳାତକ ଘୋଷଣା ହୋଇଥିବା ଆସାମୀମାନେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଫାସିବସ୍ତର କେଲୁ ନାୟକ ଓ ବିନି ନାୟକ ଓ ଭଦ୍ରେଶ୍ୱର ଥାନା ହଳଦିଆ ଅଞ୍ଚଳର ମଧୁ ମହାରାଣା, ଆଠଗଡ଼ ଜଗିଆପଡ଼ାର ପୂର୍ଣ୍ଣଚନ୍ଦ୍ର ଶତପଥି ଓ ସ୍ଥାନୀୟ ଉପର ସାହିର ଚନ୍ଦନ କୁମାର ଦଳାଇ, ବଡ଼ମ୍ବା ଗୁଣ୍ଡଦ୍ୱାରର ନକୁଳ ନାୟକ ଓ ନିଆଳି ପୁର୍ବଖଣ୍ଡ ନାୟକ ସାହିର ବଚନ ଭୋଇ । ସୂଚନାଯୋଗ୍ୟ, ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଫେରାର ଥିବା ଅଭିଯୁକ୍ତମାନଙ୍କ ପାଇଁ ବିଚାର ପ୍ରକ୍ରିୟାରେ ବିଳମ୍ବ ହେଉଛି । ଅଦାଲତରେ ହାଜର ପାଇଁ ବାରମ୍ବାର ନୋଟିସ ସତ୍ତ୍ୱେ ଅଭିଯୁକ୍ତମାନେ ଅଦାଲତରେ ଦ୍ୱାରସ୍ଥ ହେଉନାହାନ୍ତି । ତେଣୁ ପୁଲିସ କୋର୍ଟର ଅନୁମତି ନେଇ ଫେରାର ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ବିଡବ୍ଲୁ ଜାରି କରିଛି । ଜାନିମ୍ ବିହୀନ ଗିରଫ ପରୱାନା ବଳରେ ପୁଲିସ କୋର୍ଟର ଅନୁମତି ନେଇ ଜିଲ୍ଲାରେ ୩୯ ଜଣଙ୍କୁ ପଳାତକ ଘୋଷଣା କରିଛି । ସମ୍ପୃକ୍ତ ୱାରେଣ୍ଟ୍ ଆସାମୀଙ୍କ ସ୍ଥାୟୀ ଠିକଣାରେ ଥାନା ଅଧିକାରୀମାନେ ପହଞ୍ଚି ଲଟକା ଜାରି କରିବା ସହ ଢେଙ୍ଗୁରା ବଜାଇ ସତର୍କ କରାଇଛନ୍ତି ।

## ବୀମାଭୁକ୍ତ ହେବେ ଧନୁଯାତ୍ରା ଦର୍ଶକ

# ଦୁର୍ଘଟଣାରେ ଧନୁଯାତ୍ରା କଳାକାରଙ୍କ ମୃତ୍ୟୁ ହେଲେ ମିଳିବ ୭ଲକ୍ଷ ୫୦ହଜାର ଟଙ୍କା ବୀମା ସହାୟତା

**ବରଗଡ଼,୭।୧୨ ନ୍ୟୁଜ ବ୍ୟୁରୋ**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧର୍ମ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୪ତାରିଖରୁ ଆରମ୍ଭ ହେବ । ୨୦୨୬ ଜାନୁଆରୀ ୩ ଯାଏଁ ଏହି ମହୋତ୍ସବ ଚାଲିବ । ଏହି ୧୧ଦିନ ଅବଧିରେ ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ । ମଝିରେ ବହି ଯାଇଥିବା ଜୀରାନଦୀ ଯମୁନା ହେବ । ଏହି ମହୋତ୍ସବରେ ଲକ୍ଷାଧିକଙ୍କ ଭିଡ଼ ହୋଇଥାଏ । ମହୋତ୍ସବରେ ସମସ୍ତ ଦର୍ଶକ ମଧ କିଏ ଗୋପବାସୀ ତ ଆଉକେହି ମଥୁରାବାସୀଭାବେ ଜଣେ ଜଣେ କଳାକାର ପାଲଟି ଯାଆନ୍ତି । ତେବେ ଏହାରି ଭିତରେ କଳାକାର ଏବଂ ଦର୍ଶକଙ୍କ ପାଇଁ ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଏକ ବିହିତ ପଦକ୍ଷେପ ନିଆଯାଇଛି । ମହୋତ୍ସବର ୧୧ଦିନ ଯାଏ କଳାକାର ଏବଂ ଦର୍ଶକଙ୍କୁ ବୀମାଭୁକ୍ତ କରାଯିବା ଭଳି ପଦକ୍ଷେପ ସମିତି ହାତକୁ ନେଇଛି । ଏହି କ୍ରମରେ ଉକ୍ତ ମହୋତ୍ସବ ଅବଧି ମଧ୍ୟରେ ମଥୁରାନଗରୀ କିମ୍ବା ଗୋପପୁରରେ କୌଣସି କଳାକାର କିମ୍ବା ଦର୍ଶକଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୭ଲକ୍ଷ ୫୦ହଜାର ଟଙ୍କା ବୀମା ସହାୟତାର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । ଧନୁଯାତ୍ରା ମହୋତ୍ସବ ସମିତିର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

